ପ୍ରାଚୀନ କାଳରୁ ଓଡ଼ିଶାର କଳା, ପରମ୍ପରା, ଭାସ୍କର୍ଯ୍ୟ ସମଗ୍ର ବିଶ୍ୱରେ ପ୍ରସିଦ୍ଧ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୧୧ • ୬ ଫେବୃୟାରୀ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -31 • Issue-11 • 6th February 2024, Tuesday • Bhubaneswar | Licensed to post without pre-payment of postage No- BN-60/22-24




## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

# ଭାଷା ସମ୍ମିଳନୀ ଓଡ଼ିଆ ଭାଷା ଇତିହାସରେ ଏକ ମାଇଲଖୁଣ୍ଟ ହୋଇ ରହିବ

ଭୁବନେଶ୍ୱର, ୫।୨

ନ୍ୟୁଜ୍ ବ୍ୟୁରୋ

ଉଦ୍‌ଯାପିତ ହୋଇଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଯେ ଏହି ସମ୍ମିଳନୀ ପ୍ରତି ୫ ବର୍ଷରେ ଥରେ ଅନୁଷ୍ଠିତ ହେବ।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆମର ଭାଷା ଇତିହାସରେ ସବୁଦିନ ପାଇଁ ଏକ ମାଇଲ ଖୁଣ୍ଟ ହୋଇ ରହିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫ ବର୍ଷ ପରେ ଆମେ ସମସ୍ତେ ପୁଣି ଥରେ ଏକାଠି ହେବା । ଓଡ଼ିଆ ଭାଷାକୁ ଆହୁରି ଆଗକୁ ନେବା ପାଇଁ ମତ ବିନିମୟ କରିବା।

ସମ୍ମିଳନୀରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ, ଯୁବ ସମାଜ, ଲେଖକ, ଗବେଷକ, ସାହିତ୍ୟିକ, କବି ପ୍ରତ୍ୟେକ ଓଡିଆଙ୍କୁ ସେ ହୃଦୟରୁ ଧନ୍ୟବାଦ ଅର୍ପଣ



କରି କହିଥିଲେ ଯେ ଏହି ତିନି ଦିନ ମଧ୍ୟରେ ଆମ ଭାଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି । ଖୁବ ଭଲ ଭଲ ପ୍ରସ୍ତାବ ମଧ୍ୟ ଆସିଛି।

ତେବେ ଯେହେତୁ ବର୍ତ୍ତମାନ ବିଧାନ ସଭା ଚାଲିଛି, ତେଣୁ, ଭାଷା ସଂପର୍କରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ସେ ବିଧାନ ସଭାରେ ଘୋଷଣା କରିବେ ବୋଲି କହିଥିଲେ।

ଯୁଗ ଯୁଗ ଧରି ଓଡ଼ିଆ ଭାଷା, ଆମ ଓଡିଆ ଜାତିର ପରିଚୟକୁ ଆଗକୁ ନେଇଛି ବୋଲି ମତଦେଇ ସେ ସମସ୍ତଙ୍କୁ ଆଜିର ମହାର୍ଘ୍ୟ ଅବସରରେ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇ କହିଥିଲେ ଯେ ଆସନ୍ତୁ ଓଡ଼ିଆରେ ନୂଆ ନୂଆ ଶବ୍ଦ ସୃଷ୍ଟି କରି ଆମ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବା।

ଭାଷା ଉପରେ ବୈଷୟିକ ଜ୍ଞାନର ପ୍ରଭାବ ସଂପର୍କରେ (ପୃଷ୍ଠା ୭ରେ)

## ବିଧାନସଭା ଅଧିବେଶନ ଆରମ୍ଭ

# ରାଜ୍ୟ ସରକାରଙ୍କ ପ୍ରଶଂସାରେ ରାଜ୍ୟପାଳ ଶତମୁଖ

ଭୁବନେଶ୍ୱର, ୫।୨

ନ୍ୟୁଜ୍ ବ୍ୟୁରୋ

ସୋମବାରଠାରୁ ଆରମ୍ଭ ହୋଇଛି ଷୋଡ଼ଶ ଓଡ଼ିଶା ବିଧାନସଭାର ପଞ୍ଚଦଶ ତଥା ଅନ୍ତିମ ଅଧିବେଶନ। ପୂର୍ବାହ୍ନ ୧୧ ଘଟିକା ସମୟରେ ମହାମହିମ ରାଜ୍ୟପାଳ ରଘୁବର ଦାସ ଅଧିବେଶନ ଆରମ୍ଭରେ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ଏବଂ ଆଭିମୁଖ୍ୟ ବାବଦରେ ବିସ୍ତୃତ ଅବତାରଣା କରିଛନ୍ତି। ତେବେ ଅଭିଭାଷଣ ପୂର୍ବରୁ ପ୍ରଥମେ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧିବେଶନର ପ୍ରଥମ ଦିନ ଥିବା ହେତୁ ଆଜି ଗୃହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପ୍ରାୟ ସମସ୍ତ ମନ୍ତ୍ରୀ, ବିଧାୟକ ଓ ବିଧାୟିକାମାନେ ଉପସ୍ଥିତ ରହିଥିଲେ। ଏହା ପୂର୍ବରୁ ରାଜ୍ୟପାଳ ବିଧାନସଭା ପରିସରରେ ପହଞ୍ଚିବା କ୍ଷଣି ପୋଲିସ୍ ବାହିନୀ ପକ୍ଷରୁ ତାଙ୍କୁ ଗାର୍ଡ୍ ଅଫ ଅନର ପ୍ରଦାନ କରାଯାଇଥିଲା। ଏହାପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଓ ବିଧାନସଭା ସଚିବ ରାଜ୍ୟପାଳଙ୍କୁ ବିଧାନସଭା କକ୍ଷକୁ ପାଛୋଟି ଆଣିଥିଲେ।



ବିଧାନସଭାରେ ରାଜ୍ୟପାଳ ଦେଇଥିବା ତାଙ୍କ ଅଭିଭାଷଣରେ ୮୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସଫଳ ସମାପନ ତଥା ଚଳିତବର୍ଷ ଜାନୁଆରୀ ୧୭ରେ ସମଗ୍ର ବିଶ୍ୱର ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଏହାର ଲୋକାର୍ପଣ କରିଥିବା ରାଜ୍ୟ ସରକାରଙ୍କ ଭୂୟସୀ ପ୍ରଂଶସା କରିଥିଲେ। ଏହାର ୧୦ ଦିନ ପରେ ନବୀକୃତ ମା' ସମଲେଶ୍ୱରୀ ମନ୍ଦିରର ଲୋକାର୍ପଣ କରାଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ମଠ, ମନ୍ଦିର, ଧର୍ମାନୁଷ୍ଠାନ, ଐତିହ୍ୟ, ପୀଠସ୍ଥଳୀଗୁଡ଼ିକର ସୁରକ୍ଷା, ସଂରକ୍ଷଣ ଓ ପ୍ରୋତ୍ସାହନ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି ବୋଲି ସେ କହିଥିଲେ। ରାଜ୍ୟପାଳ କହିଥିଲେ ସରକାର ଅନେକ ଲୋକାଭିମୁଖୀ କାର୍ଯ୍ୟକ୍ରମ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ, ଆଞ୍ଚଳିକ ବୈଷମ୍ୟ ଓ ଲିଙ୍ଗଗତ ବିଭେଦ ହ୍ରାସ ପାଇଁ ଅବିସ୍ରାନ୍ତ ଉଦ୍ୟମ କରୁଛନ୍ତି ଏବଂ ସଂଯୋଗୀକରଣ, ନରାପଦ ପାନୀୟ (ପୃଷ୍ଠା ୭ରେ)

## ଆସ୍ଥା ଭୋଟରେ ଜିତିଲେ ଚମ୍ପାଇ ସୋରେନ

ରାଞ୍ଚି, ୫।୨

ଚମ୍ପାଇ ସୋରେନ ସରକାର ଝାଡ଼ଖଣ୍ଡରେ ଚାଲିଥିବା ରାଜନୈତିକ ଅସ୍ଥିରତା କାରଣରୁ ଫ୍ଲୋର ଟେଷ୍ଟରେ ଆସ୍ଥା ଭୋଟ ଜିତିଛନ୍ତି। ସରକାରଙ୍କ ସମର୍ଥନରେ ୪୭ ଭୋଟ ଦିଆଯାଇଥିଲା। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ବ୍ୟତୀତ ସହଯୋଗୀ ଦଳର ବିଧାୟକମାନେ ମଧ୍ୟ ଫ୍ଲୋର ଟେଷ୍ଟ ପାଇଁ ଗୃହରେ ଉପସ୍ଥିତ ଥିଲେ। ଏହାପୂର୍ବରୁ ରବିବାର ବିଳମ୍ବିତ ରାତିରେ ପ୍ରାୟ ୪୦ ଜଣ ବିଧାୟକ ଜେଏମଏମ ଏବଂ କଂଗ୍ରେସ ହାଇଦ୍ରାବାଦରୁ ରାଞ୍ଚି ଫେରିଥିଲେ। ଏହି ବିଧାୟକମାନେ ହାଇଦ୍ରାବାଦ ନିକଟ ଏକ ରିସୋର୍ଟରେ (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ୨୦୩୬ ସୁଦ୍ଧା ଓଡ଼ିଶାର ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ

ଭୁବନେଶ୍ୱର, ୫।୨

ନ୍ୟୁଜ୍ ବ୍ୟୁରୋ

ଆମେ ଦେଶ ଓ ଜାତି ପାଇଁ ସ୍ୱପ୍ନ ଦେଖିବାକୁ ପଡିବ ଏବଂ ସେହି ସ୍ୱପ୍ନର ସମ୍ଭାବନକୁ ସଫଳ କରିବାକୁ ପଡିବ । ଜାତିର ପିତା ମହାତ୍ମା ଗାନ୍ଧୀ ଦେଶ ଓ ଜାତି ପାଇଁ ବାଟ ଖୋଜି ନଥିଲେ ବରଂ ବାଟ ସେ ନିଜେ କାଢିଥିଲେ । ସେହିପରି ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳଗୌରବ ମଧୁସୂଦନ ପ୍ରମୁଖ ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ୨୦୩୬ର ଓଡ଼ିଶା ହେବ ଆଦର୍ଶ, ସମୃଦ୍ଧ ଓ ପ୍ରଭାବୀ ବୋଲି କହିଛନ୍ତି ଓଡ଼ିଶା ସରକାରଙ୍କ ଆନୁଷ୍ଠାନିକ (ପୃଷ୍ଠା ୭ରେ)



# ଏନ୍‌ଡିଏକୁ ୪୦୦ରୁ ଅଧିକ ଆସନ ମିଳିବ : ମୋଦି

ନୂଆଦିଲ୍ଲୀ, ୫।୨

ସଂସଦରେ ରାଷ୍ଟ୍ରପତି ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରି ସିଧାସଳଖ ବିରୋଧୀ ଓ କଂଗ୍ରେସକୁ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ, ସେମାନେ ବିରୋଧୀ ରୂପେ ନିଜ ଦାୟିତ୍ୱ ପାଳନ କରିବାରେ ବିଫଳ ହୋଇଛନ୍ତି । ମୁଁ ସବୁବେଳେ କହିଛି ଦେଶକୁ ଏକ ଭଲ ବିରୋଧୀଙ୍କ ଆବଶ୍ୟକତା ରହିଛି । ଆଜି ଦେଶର ଅବସ୍ଥା ପାଇଁ କଂଗ୍ରେସ ଦାୟୀ । ସେ କହିଛନ୍ତି ଯେ ଏହିମାନେ ନିଜେ ବିରୋଧୀ ରୂପେ ବିଫଳ ହୋଇଛନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ଉପରକୁ ଆସିବାକୁ ଦେଉ



ନାହାନ୍ତି । କେବଳ ଜଣଙ୍କ ଛବି ଚମକାଇବା ପାଇଁ ଏପରି କରାଯାଉଛି ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବିରୋଧୀଙ୍କ ମଧ୍ୟରୁ ଅନେକ ଲୋକ ନିର୍ବାଚନ ଲଢିବାର ସାହସ ହରାଇ ସାରିଛନ୍ତି । ମୁଁ ଶୁଣିଛି ଅନେକ ଜଣ (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

# ବରମୁଣ୍ଡା ବସଷ୍ଟାଣ୍ଡ ଡକ୍ଟର ଆମ୍ବେଦକରଙ୍କ ନାମରେ ନାମିତ ହେବ

ଭୁବନେଶ୍ୱର, ୫।୨ : ନ୍ୟୁଜ୍ ବ୍ୟୁରୋ

ଭାରତୀୟ ସମ୍ବିଧାନର ଜନକ ତଥା ସାମାଜିକ ନ୍ୟାୟର ମହାନ ପ୍ରବକ୍ତା ଡକ୍ଟର ଆମ୍ବେଦକରଙ୍କ ନାମରେ ନାମିତ ହେବ ଭୁବନେଶ୍ୱର ବରମୁଣ୍ଡାର ନବନିର୍ମିତ ବସ ଷ୍ଟାଣ୍ଡ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପ୍ରକାଶ କରିବା ସହ ଡକ୍ଟର ଆମ୍ବେଦକରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏବେ ବରମୁଣ୍ଡା ବସଷ୍ଟାଣ୍ଡ ବାବା (ପୃଷ୍ଠା ୭ରେ)

# ନିର୍ବାଚନୀ ପ୍ରଚାରରେ ପିଲାଙ୍କୁ ବ୍ୟବହାର କରିପାରିବେ ନାହିଁ ରାଜନୈତିକ ଦଳ

ନୂଆଦିଲ୍ଲୀ, ୫।୨

ଏଣିକି ଆଉ ନିର୍ବାଚନୀ ପ୍ରଚାରରେ ପିଲାଙ୍କୁ ବ୍ୟବହାର କରିପାରିବେ ନାହିଁ ରାଜନୈତିକ ଦଳ। ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ନିର୍ବାଚନ କମିଶନ। ଏହି କ୍ରମରେ ସୋମବାର ନିର୍ବାଚନ ଆୟୋଗ, ନିର୍ବାଚନ ପ୍ରଚାରରେ ଶିଶୁ ଏବଂ ନାବାଳକଙ୍କୁ




ସାମିଲ ନକରିବାକୁ ପରାମର୍ଶ ଦେଇଛନ୍ତି।

ପାଖେଇ ଆସୁଛି ଲୋକସଭା ନିର୍ବାଚନ। ଏଥିପାଇଁ ସମସ୍ତ ରାଜନୈତିକ ଦଳ ଜୋରସୋରରେ ଆରମ୍ଭ କରିଦେଲେଣି ପ୍ରସ୍ତୁତି । ତେବେ ଏହା ପୂର୍ବରୁ ସମସ୍ତ ରାଜନୈତିକ ଦଳଙ୍କୁ ଏଭଳି କିଛି କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଇସି। (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଛାତ୍ରଛାତ୍ରୀ ଦେଲେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡର ଫଳକ

ଭୁବନେଶ୍ୱର, ୫।୨ : ନ୍ୟୁଜ୍ ବ୍ୟୁରୋ


ଓଡ଼ିଶା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସୋମବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଛାତ୍ରଛାତ୍ରୀମାନେ ନବୀନ ନିବାସ ଆସିବା ସହିତ ମୋ କଥା ମୋ (ପୃଷ୍ଠା ୭ରେ)

## ଏକାଳ ସକାଳ



ସଂସଦ ଭବନେ ଜଣଙ୍କ ଭାଷଣ
ଅନ୍ୟ ଜଣେ ବସେ ଦୁଃଖେ
ଗୋଟେ ପଟେ ହସ ଶୁଣାଯାଏ
ଅନ୍ୟପଟେ ବେଙ୍ଗ ପଶେ ମୁଖେ
ଜନତା ବସିକି ଦେଖେ
କିଏ କଣ ଏଠି କଣ କରୁଛି
ଥିରିଥିରି କିନା ଚାଖେ।

# ଓଜୋନ ପ୍ରଦୂଷଣ କାରଣରୁ ୧୦୦ରେ ୪୬ ଜଣଙ୍କର ମୃତ୍ୟୁ ଭାରତରେ ହେଉଛି



ନୂଆଦିଲ୍ଲୀ, ୫।୨

ଭାରତ ସମେତ ସମଗ୍ର ବିଶ୍ୱରେ ଓଜୋନ ପ୍ରଦୂଷଣର ଆଶଙ୍କା ବୃଦ୍ଧି ପାଉଛି । ଏକ ନୂତନ ଅଧ୍ୟୟନରେ ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଜଳବାୟୁ ପରିବର୍ତ୍ତନ ଏବଂ ବାୟୁ ପ୍ରଦୂଷଣକୁ ହ୍ରାସ କରିବାକୁ ଧ୍ୟାନ ଦିଆନଯାଏ, ତେବେ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଓଜୋନ ସମ୍ବନ୍ଧୀୟ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ।

ଓଜୋନ ପ୍ରଦୂଷଣରୁ ଭାରତ ଅଧିକ ବିପଦରେ ବୋଲି କୁହାଯାଉଛି । ଷ୍ଟେଟ ଅଫ ଗ୍ଲୋବାଲ ଏୟାରର ତଥ୍ୟ ଅନୁଯାୟୀ, ଓଜୋନ ପ୍ରଦୂଷଣ ହେତୁ ଭାରତରେ ପ୍ରତିବର୍ଷ ୧୬୮,୦୦୦ ଲୋକ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି । ବିଶ୍ୱରେ ଓଜୋନ ଯୋଗୁଁ ୪୬ ପ୍ରତିଶତ ମୃତ୍ୟୁ ହୋଇଥାଏ। ଭାରତ ପରେ ଚାଇନାରେ ସର୍ବାଧିକ ୯୩,୩୦୦ ମୃତ୍ୟୁ ଘଟିଛି। କାରଣ ଉଭୟ ଦେଶରେ ଓଜୋନ ପ୍ରଦୂଷଣର ସ୍ତର ବହୁତ ଅଧିକ ଏବଂ ଜନସଂଖ୍ୟା ମଧ୍ୟ ଅଧିକ।

୨୦୧୯ରେ ଓଜୋନ ସଂସ୍ପର୍ଶରେ ଆସିବା ହେତୁ ବିଶ୍ୱର ପ୍ରାୟ ୩୬୫,୦୦୦ ଲୋକଙ୍କର ମୃତ୍ୟୁ ହୋଇଛି । ସାରା ବିଶ୍ୱରେ ସିଓପିଡି(କ୍ରନିକ ଅବଷ୍ଟ୍ରକ୍ଟିଭ ପଲମୋନାରୀ ଡିଜିଜ) ହେତୁ ଏହି ମୃତ୍ୟୁ ପ୍ରାୟ ୧୧ ପ୍ରତିଶତ । ଏହାର (ପୃଷ୍ଠା ୭ରେ)

# ରୋଜଗାରକୁ ନେଇ ସ୍ୱାମୀଙ୍କୁ ଅପମାନ ଦେବା, ବଡ ବଡ ଦାବି କରିବା ନିଷ୍ଠୁରତା

ନୂଆଦିଲ୍ଲୀ, ୫।୨

ରୋଜଗାରକୁ ନେଇ ସ୍ୱାମୀଙ୍କୁ ଥଟ୍ଟା କରିବା ଏବଂ କ୍ରମାଗତ ଭାବରେ ଅଯୌକ୍ତିକର ଦାବି କରିବା ମାନସିକ କ୍ରୁରତା ଅଧୀନରେ ଆସେ ବୋଲି କୋର୍ଟ କହିଛନ୍ତି। ଏହି ଆଧାରରେ ଛାଡପତ୍ର ପାଇବା ପାଇଁ ସ୍ୱାମୀଙ୍କର ଅଧିକାର ଅଛି। ଏକ ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି । ଆବଶ୍ୟକତା ଏବଂ ଇଚ୍ଛାକୁ ଯତ୍ନର ସହ ଚୟନ କରାଯିବା ଉଚିତ ବୋଲି କୋର୍ଟ ମଧ୍ୟ ପରାମର୍ଶ ଦେଇଛନ୍ତି। ଜଷ୍ଟିସ ସୁରେଶ କୈତ ଏବଂ ଜଷ୍ଟିସ ନୀନା ବଂଶଲ କୃଷ୍ଣାଙ୍କ ଦିଲ୍ଲୀ ହାଇକୋର୍ଟର ବେଞ୍ଚ ଏହି




ମାମଲାର ଶୁଣାଣି କରୁଥିଲେ।

ବେଞ୍ଚ କହିଛନ୍ତି, ପତ୍ନୀଙ୍କୁ ତାଙ୍କ ସ୍ୱାମୀଙ୍କ ଆର୍ଥିକ ସ୍ଥିତି ବିଷୟରେ ବାରମ୍ବାର ମନେ ପକାଇବା ଉଚିତ ନୁହେଁ। ଏମିତିକି ବଡ ବଡ ଜିନିଷ ପାଇଁ ସ୍ୱାମୀଙ୍କୁ ଦାବି କରିବା ଏବଂ ଚାପ ଦେବା, ଯାହା ତାଙ୍କ ଆୟ ମଧ୍ୟରେ ପୂରଣ କରିବା (ପୃଷ୍ଠା ୭ରେ)

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୬.୭% ହାରରେ ଦୌଡ଼ିବ ଦେଶର ଅର୍ଥନୀତି

ଭାରତର ଅର୍ଥନୀତି ୨୦୨୪ରୁ ୨୦୩୧ ପର୍ଯ୍ୟନ୍ତ ୬.୭ ପ୍ରତିଶତ ହାରରେ ଗତି କରିବ। ଆସନ୍ତା ସମୟରେ ଭାରତର ଅର୍ଥନୀତିର ଗତି ସନ୍ତୁଳିତ ରହିବ। ସରକାରଙ୍କ ଠାରୁ ମିଳୁଥିବା ପୁଞ୍ଜିଗତ ସମର୍ଥନ ଅର୍ଥନୀତିକୁ ବଳ ଦେବ ବୋଲି କ୍ରେଡିଟ୍ ରେଟିଂ ଏଜେନ୍ସି କ୍ରିସିଲ୍(CRISIL) କହିଛି।

ରେଟିଂ ଏଜେନ୍ସି କ୍ରିସିଲ ଅନୁମାନ କରିଛି ଯେ ଆସନ୍ତା ଆର୍ଥିକ ବର୍ଷରେ ଦେଶରେ ଜିଡିପିର ବିକାଶ ହାର ୬.୪ ପ୍ରତିଶତ ରହିପାରେ। ସଂସ୍ଥାର ଇକୋନୋମିକ ଆଉଟ୍ଲୁକ୍ ଅନୁସାରେ, ଭାରତର ଅର୍ଥନୀତି ସ୍ଥିରତାରୁ ବିକାଶ ଦିଗରେ ଅଗ୍ରସର ହେଉଛି। ତେଣୁ ୨୦୩୧ ପର୍ଯ୍ୟନ୍ତ କୌଣସି ଖରପା ପ୍ରଭାବ ପଡ଼ିବାର ଆଶଙ୍କା ନାହିଁ ବୋଲି କ୍ରିସିଲ କହିଛି। କୋଭିଡ୍-୧୯ ପୂର୍ବରୁ ଆନୁମାନିକ ଅଭିବୃଦ୍ଧି ହାର ୬.୬ ପ୍ରତିଶତ ଠାରୁ ବି ଅଧିକ ରହିବ ବୋଲି ସଂସ୍ଥା ତା ରିପୋର୍ଟରେ ଦର୍ଶାଇଛି।

କ୍ରିସିଲର ରିପୋର୍ଟ ଅନୁସାରେ, କେନ୍ଦ୍ର ସରକାର ଆର୍ଥିକ ନୀତି ଜିଡିପିକୁ ବଳ ଦେଉଛି। ଘରୋଇ ବିଭାଗର ଭରପୁର ସହଯୋଗ, କ୍ୟାପିଟାଲ୍ ଏକ୍ସପେଣ୍ଡିଚର ବୃଦ୍ଧି ଓ ରାଜ୍ୟକୁ ବିନା ସୁଦ୍ଧରେ ଋଣ ପ୍ରଦାନ କରି ଘରୋଇ ନିବେଶକୁ ପ୍ରୋତ୍ସାହନ କରିବା ଅର୍ଥନୀତିକୁ ଗତି ଦେବ ବୋଲି ରିପୋର୍ଟରେ କୁହାଯାଇଛି।

ଚଳିତ ଆର୍ଥିକ ବର୍ଷରେ ଭାରତ ୭.୩ ପ୍ରତିଶତ ଅଭିବୃଦ୍ଧି ସହ ଗତି କରୁଥିବା ବେଳେ ଆସନ୍ତା ବର୍ଷ ଏହା ସାମାନ୍ୟ ହ୍ରାସ ହୋଇ ୬.୪ ପ୍ରତିଶତ ଗତିରେ ଯିବ। ମଧ୍ୟପ୍ରାଚ୍ୟରେ ଲାଗିଥିବା ଯୁଦ୍ଧ ଯୋଗୁ ଦେଖା ଦେଇଥିବା ଅସ୍ଥିରତା ଏନର୍ଜୀ ଓ ଲଜିଷ୍ଟିକ କଷ୍ଟ ଉପରେ କୁ ପ୍ରଭାବ ପକାଇବାର ଆଶଙ୍କା ରହିଛି। ଏଥିସହିତ ସିପିଂ କଷ୍ଟ ବଢ଼ିବା ଦ୍ୱାରା ଆମଦାନୀ ଓ ରପ୍ତାନୀ ବି ମହଙ୍ଗା ହୋଇପାରେ। ଏହାର ଖରାପ ପ୍ରଭାବ ଅର୍ଥନୀତି ଉପରେ ପଡ଼ିବ ବୋଲି କ୍ରିସିଲ କହିଛି।

ସୂଚନା ଥଉକି ୨୦୨୩ ଡିସେମ୍ବରରେ ଭାରତ ମହଙ୍ଗା ସ୍ଥିତି ୫.୭ ପ୍ରତିଶତ ରହିଥିଲା। ଦେଶରେ ପନିପରିବା ଓ ଖାଦ୍ୟଶସ୍ୟ ମୂଲ୍ୟ ବଢ଼ିଥିଲା। ତେବେ ଫୁଡ୍ ଆଇଟମ୍ର ଉପରେ ହେଉଥିବା ଦର ବୃଦ୍ଧି ଗୁରୁତ୍ୱ ଦିଆଯିବା ଉଚିତ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଦ୍ରାସ୍ଫୀତିକୁ ୪ ପ୍ରତିଶତ ରଖିବାକୁ ଟାର୍ଗେଟ୍ ରଖିଛି। ହେଲେ ଫୁଡ୍ ଆଇଟମ୍ ଦରବୃଦ୍ଧିକୁ ନିୟନ୍ତ୍ରଣ କରା ନଗଲେ ଟାର୍ଗେଟ୍ ହାସଲ କରିବା କଷ୍ଟକର ହୋଇପଡ଼ିବ ବୋଲି କ୍ରେଡିଟ୍ ରେଟିଂ ସଂସ୍ଥା କ୍ରିସିଲ କହିଛି।

ତେବେ ଏହିସବୁ ଆହ୍ୱାନ ଥିଲେ ସୁଦ୍ଧା ବି ପେଟ୍ରୋଲ-ଡିଜେଲର ମୂଲ୍ୟ ହ୍ରାସ ହୋଇପାରେ। ତେବେ ଆମେରିକା ଫେଡେରାଲ ରିଜର୍ଭ ଦ୍ୱାରା ଶୁଦ୍ଧ ଦରରେ ପରିବର୍ତ୍ତନର ପ୍ରଭାବ ଭାରତର ଅର୍ଥନୀତି ଉପରେ ପଡ଼ିପାରେ ବୋଲି କ୍ରିସିଲ ରିପୋର୍ଟରେ ଦର୍ଶାଇଛି।

ସୂଚନା ଥାଉକି, କ୍ରେଡିଟ୍ ରେଟିଂ ଇନ୍ଫରମେସନ ସର୍ଭିସ୍ ଅଫ୍ ଇଣ୍ଡିଆ (CRISIL) ହେଉଛି ଏକ SEBI ପଞ୍ଜିକୃତ କ୍ରେଡିଟ୍ ରେଟିଂ ଏଜେନ୍ସି। ୧୯୮୭ରେ ଗଠନ ହୋଇଥିବା ଏହା ହେଉଛି ଭାରତର ପ୍ରଥମ ରେଟିଂ ଏଜେନ୍ସି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ଵ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ଵ ସମର୍ପିସ୍ଵ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତେ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)


ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

**ମଧୁସୂଦନ ଦାସ**

# ଗୌରୀଶଙ୍କର





ଉତ୍କଳ ଦୀପିକା

(ପୁରୁଣା ପୃଷ୍ଠାରୁ)

ଆପଣମାନେ ସମସ୍ତେ ଗୌରୀଶଙ୍କରଙ୍କ ନାମ ଶୁଣି ଅଛନ୍ତି। ଯେଉଁଠାରେ ଲୋକେ ଓଡ଼ିଆ ଭାଷା କହନ୍ତି କିମ୍ବା ଓଡ଼ିଆ ପୁସ୍ତକ ପାଠ କରନ୍ତି, ସେଠାରେ ଗୌରୀଶଙ୍କରଙ୍କ ନାମ ଜଣାଅଛି। ରାୟବାହାଦୂର ଉପାଧି ସେ ପାଇଥିଲେ। ମୁଁ କିନ୍ତୁ ରାୟବାହାଦୂର ଗୌରୀଶଙ୍କର, ବାବୁ ଗୌରୀଶଙ୍କର ଇତ୍ୟାଦି କଥା କହିବାକୁ ଇଚ୍ଛା କରେ ନାହିଁ। ମନୁଷ୍ୟର ଆତ୍ମା ଯେତେବେଳେ ତାହାର ମୃଣ୍ମୟ ପିଣ୍ଡରେ ପ୍ରବେଶ କରେ, ସେତେବେଳେ କିଏ କରେ ? ସେହି ସର୍ବଶକ୍ତିମାନ ଈଶ୍ୱରଙ୍କ ଅନ୍ତରାତ୍ମାର ଅଂଶ ପ୍ରବେଶ କରେ। ସେହି ମୃଣ୍ମୟ ପିଣ୍ଡର ନାମ ରାୟବାହାଦୂର, ବାବୁ, ମିଷ୍ଟର ଇତ୍ୟାଦି ହୁଏ। କିନ୍ତୁ ଆତ୍ମା ଯେତେବେଳେ ପ୍ରବେଶ କରେ କିମ୍ବା ମୃଣ୍ମୟପିଣ୍ଡ ଛାଡି ପକାଏ, ସେତେବେଳେ ରାୟବାହାଦୂର, ବାବୁ ଇତ୍ୟାଦି ଉପାଧି ସବୁ ତୁଚ୍ଛ କରି ପିଣ୍ଡ ସହିତ ପକାଇ ଦେଇ ପଳାଏ। ଗୌରୀଶଙ୍କରଙ୍କ ଆତ୍ମା ସ୍ୱର୍ଗରେ ଅଛି। ବର୍ତ୍ତମାନ ତାଙ୍କ ଆତ୍ମାକୁ ମୁଁ ଆହ୍ୱାନ କରୁଅଛି। ତାଙ୍କୁ ରାୟ ବାହାଦୂର ଇତ୍ୟାଦି ସମ୍ବୋଧନରେ ଆହ୍ୱାନ କଲେ ସେହି ଆତ୍ମା ସେ ସବୁ ତୁଚ୍ଛ ଜ୍ଞାନ କରିବ ମାତ୍ର।

ମନୁଷ୍ୟ ଉଭୟ ଚକ୍ଷୁ ଦ୍ୱାରା ଆଗକୁ ଅନାଏ। ପଶ୍ଚାଦଭାଗରେ ତା'ର ଚକ୍ଷୁ ନାହିଁ। ଏହି ହେତୁ ପଶ୍ଚାତରେ ଯାହା ହୋଇଗଲା ସେ ତାହା ଦେଖି ନାହିଁ। ଗୋଟିଏ ଜାତି ପକ୍ଷରେ ମଧ ତଦ୍ରୁପ। ଯେତେବେଳେ ଗୋଟିଏ ଜାତି ଅଗ୍ରସର ତାହାର ସାଧାରଣତଃ ଆଗକୁ ବା ଭବିଷ୍ୟତ ପ୍ରତି ଦୃଷ୍ଟି ପଡେ। ପଶ୍ଚାତ୍ ଭାଗରେ ଜୀବନରେ ବା ଅତୀତ ଇତିହାସରେ ତାହାର ଅବସ୍ଥା କିପରି ଥିଲା, ସେ ଦେଖିବାକୁ ଇଚ୍ଛା କରେ ନାହିଁ। ଶିଶୁ ସମ୍ମୁଖରେ ଅନେକ ଆଶା ଦେଖେ। ପଶ୍ଚାତରେ ଅର୍ଥାତ୍ ପୂର୍ବରେ, ତାହାର ପିତା ମାତା କିପରି ଅବସ୍ଥାରେ ଥିଲେ, କେତେ ଦୁଃଖ କଷ୍ଟରେ ତାହାର ଲାଳନ ପାଳନ କରିଥିଲେ, ଏବେ ସେ ସବୁ ସେ ଭାବେ ନାହିଁ। କିନ୍ତୁ ଯେତେବେଳେ ଯାଏ ଆମ୍ଭେମାନେ ଆମ୍ଭ ପିତାମାତା ପୂର୍ବରେ କିପରି ଭାବରେ ଜୀବନ ଯାପନ କରିଥିଲେ ଏ ସମ୍ବନ୍ଧେ ନ ଭାବୁଁ, ସେମାନଙ୍କର କାର୍ଯ୍ୟ ଦ୍ୱାରା ସମାଜର, ଜାତିର କି ଉପକାର ହୋଇପାରେ ଜାଣିପାରୁ ନାହୁଁ। ଗୌରୀଶଙ୍କର ଉତ୍କଳରେ ପ୍ରଥମେ ସମ୍ବାଦ ପତ୍ର ପ୍ରକାଶ କଲେ। 'ଉତ୍କଳ ଦୀପିକା' ଉତ୍କଳର ଦୀପଟିଏ। ଏକ ସମୟରେ ମନୁଷ୍ୟ ଜାତି ଅସଭ୍ୟାବସ୍ଥାରେ ଥିଲା। ସୃଷ୍ଟିର ପ୍ରଥମ ଦିନରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହେଲେ, ଅନ୍ଧକାର ପୃଥିବୀରେ ଘୋଟିଗଲା। ମନୁଷ୍ୟ ସେତେବେଳେ ଆତ୍ମରକ୍ଷା ପାଇଁ ବ୍ୟାକୁଳ ହେଲା, ସେତେବେଳେ ମନୁଷ୍ୟ ନୈଶ କାର୍ଯ୍ୟରେ ଜାତିକୁ ସହାୟ ହେବାକୁ ଦୀପର ସୃଷ୍ଟି କଲା। ସେତେବେଳେ ସୋରିଷରୁ ତେଲ ବାହାର କରି କପାରେ ଦୁଇ ଖଣ୍ଡ ସଳିତା, କାଷ୍ଠ ଘର୍ଷଣରେ ଅଗ୍ନି ଉତ୍ପାଦନ କରିବାକୁ ତାକୁ କେତେ କଷ୍ଟ ସହ୍ୟ କରିବାକୁ ପଡିଥିଲା। ବର୍ତ୍ତମାନ ଦୀପ ଜାଳିବା ଅତି ସହଜ। କିନ୍ତୁ ପ୍ରଥମେ ଯାହାର ମସ୍ତିଷ୍କ ଦୀପ ଆବିଷ୍କାରରେ ନିୟୋଜିତ ହେଲା, ତାହାର କେତେ ଚେଷ୍ଟାର ଫଳ ଏହା। ତେଣୁ ମାନବ ଜାତି ତାହା ଠାରେ କୃତଜ୍ଞ ରହିବାକୁ ବାଧ୍ୟ।

ଯେତେବେଳେ ମନୁଷ୍ୟ ଶିଶୁ ଅବସ୍ଥାରେ ଥିଲା, ଆତ୍ମରକ୍ଷା କରିବାର ଶକ୍ତି ତା'ର ନଥିଲା, ମାତା ତାହାକୁ ରକ୍ଷା କରିଥିଲେ। ଆମ୍ଭମାନଙ୍କର ଆତ୍ମରକ୍ଷା କରିବାର ଶକ୍ତି ନଥିବା ସମୟରେ, ମାତା ଆମ୍ଭମାନଙ୍କୁ ରକ୍ଷା କରିଥିଲେ। ଏହା ସମସ୍ତେ ଯଦି ଭାବିଥା'ନ୍ତେ ଆଜି ଆଉ ଏଠାରେ ମାତୃପୂଜା ନିମନ୍ତେ ପ୍ରଚାର କରିବାକୁ ହୁଅନ୍ତା ନାହିଁ। ଗୌରୀଶଙ୍କର ପ୍ରଥମେ ଉତ୍କଳରେ କ'ଣ କରିଥିଲେ କେହି ଭାବନ୍ତି ନାହିଁ। ମୁଁ ଓଡ଼ିଆମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ପାପୀ। ଉତ୍କଳମାତାଙ୍କର ନିକୃଷ୍ଟ ସନ୍ତାନ। ତାହାର କାରଣ ବୋଧହୁଏ ଯେ ମୁଁ ଓଡ଼ିଶାରେ ପ୍ରଥମେ ଏମ୍.ଏ। ମୁଁ ପ୍ରଥମେ ଇଂରେଜୀ ଶିଖି ଯେତେ ନିକୃଷ୍ଟବୁଦ୍ଧି ହେଉଛି, ସେଥିରେ ମୁଁ ଉତ୍ତମ ରୂପେ ତାହା ବୁଝିପାରୁଛି। ପ୍ରଥମେ ବାଲ୍ୟାବସ୍ଥାରେ ମନୁଷ୍ୟ ଯେପରି ଅବସ୍ଥା ଭୋଗ କରେ, ତାହା ମୁଁ ବର୍ତ୍ତମାନ ଅନୁଭବ କରୁଛି। ଆଉ କିଏ କରୁଥିବ କି ନାହିଁ ସନ୍ଦେହ। ବର୍ତ୍ତମାନର ସ୍ୱାଧୀନତା ପ୍ରଚାର ସତ୍ତ୍ୱେ ଏ ବିଂଶ ଶତାବ୍ଦୀର ସଭ୍ୟତା ଯୁଗରେ କୌଣସି ସାଧାରଣ କାର୍ଯ୍ୟ କଲେ ସରକାର, ପୋଲିସ୍ ଯେପରି ବାଘ ପରି ଗିଳି ଦେବାକୁ ବସୁଅଛନ୍ତି, ୫୦ ବର୍ଷ ତଳେ ସେମାନେ କିପରି ହୋଇ ନଥିବେ, ଭାବନ୍ତୁ। ସେତେବେଳେ ଗୌରୀଶଙ୍କର କାର୍ଯ୍ୟ କ୍ଷେତ୍ରରେ ବାଘ ପରି ଛିଡା ହୋଇଥିଲେ।

ତାଙ୍କ ଠାରେ ମୁଁ ଚାରି ପାଞ୍ଚ ଦିନ ଶିକ୍ଷା କରିଅଛି। ସମୟ ସମୟରେ କୌଣସି କାର୍ଯ୍ୟରେ ତାଙ୍କ ସହିତ ପରାମର୍ଶ କରେ। ମୁଁ ଯାହାଠାରୁ ଗୋଟିଏ କଥା ଶିଖିଅଛି, ତାକୁ ଗୁରୁଜ୍ଞାନ କରୁଛି। ପିଲାକାଳେ ଅବଧାନଙ୍କ ଠାରେ ୧୦-୧୨ ଦିନ ପଢିଥିଲି। ସେଥିପାଇଁ ତାଙ୍କୁ ମୁଁ ୩୫ ବର୍ଷ ନିମନ୍ତେ ପେନ୍ସନ୍ ଦେଇଥିଲି। ମୁଁ ଗୌରୀଶଙ୍କରଙ୍କ ଠାରେ ଛାତ୍ର ଋଣରେ ଋଣୀ। ତାଙ୍କର ଯେଉଁ କର୍ତ୍ତବ୍ୟ ଜ୍ଞାନ ଥିଲା, ତାହା ବଳରେ ସେ ସର୍ବତ୍ର ନିର୍ଭୀକ ଭାବରେ କାର୍ଯ୍ୟ କରିଥିଲେ। ସେ ଯେତେବେଳେ ୩୦୦ ଟଙ୍କା ବେତନରେ ଥିଲେ, ସେତେବେଳେ କଲେକ୍ଟରଙ୍କୁ ମାନି ନଥିଲେ। କଂଗ୍ରେସକୁ ଓଡ଼ିଶାରୁ ପ୍ରତିନିଧି ରୂପେ ଯେତେବେଳେ ମୁଁ ଓ ଗୌରୀଶଙ୍କର ଯିବାକୁ ସ୍ଥିର କଲୁ, ସେତେବେଳେ ସରକାରୀ ଆଦେଶ ପ୍ରଚାର ହେଲା ଯେ, ସରକାରୀ କର୍ମଚାରୀମାନେ କଂଗ୍ରେସକୁ ଯିବେ ନାହିଁ। ମୁଁ ଯେତେବେଳେ ପଚାରିଥିଲି 'ମାଷ୍ଟର ମହାଶୟ ! ଆପଣ କ'ଣ କରିବାକୁ ସ୍ଥିର କରିଛନ୍ତି ?'' ସେ କହିଥିଲେ-''କ'ଣ କରିବି ? ଚାକିରିଟା ପଛେ ଯାଉ ଦେଶ ସକାଶେ ମୁଁ ଅବଶ୍ୟ କଂଗ୍ରେସକୁ ଯିବି।'' ଆଜି କେତେଜଣ ଓଡ଼ିଆ କର୍ମଚାରୀ ଦେଶ ସକାଶେ ସରକାରୀ ଚାକିରି ପରିତ୍ୟାଗ କରିବାକୁ ଅଗ୍ରସର ହେବେ ? ଚାରିଦିନ ସକାଶେ ହେଉ ମୁଁ ଗୌରୀଶଙ୍କରଙ୍କର ଚରଣ ତଳେ ଶିକ୍ଷା କରିଛି। ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ସେ ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କ ପରି ନିର୍ଭୀକ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବି।

ତାଙ୍କ ତିରୋଧାନରେ ଯେଉଁ କ୍ଷତି ହୋଇଅଛି ତାହା ସ୍ମରଣ ରଖିବା ନିମନ୍ତେ ତାଙ୍କର ପ୍ରତିମା ସ୍ଥାପନ ବା ଅନ୍ୟ କିଛି ବନ୍ଦୋବସ୍ତ କରିବା ନିମନ୍ତେ ଅନେକ କହନ୍ତି। କିନ୍ତୁ ତାହା ନିତାନ୍ତ ଭ୍ରମ। ଏହି ସବୁ ଦ୍ୱାରା କ'ଣ ସ୍ମୃତିରକ୍ଷା ହୋଇପାରେ ? ଫଟୋଟାଏ ରଖି ସ୍ମୃତିରକ୍ଷା କରିବାକୁ କେହି କେହି କହନ୍ତି। ତାଙ୍କର ୧୪ ବର୍ଷ ବୟସରେ ଗୋଟିଏ ଫଟୋ ଅଛି। ଆଉ ଗୋଟିଏ ୭୦ ବର୍ଷ ବୟସର। କେଉଁଟି ରଖିବ ? ଏସବୁ କେବଳ ମୂର୍ଖତା, କେହି କେହି କହନ୍ତି ତାଙ୍କର ଗୋଟିଏ ସ୍ମୃତିସ୍ତମ୍ଭ ନିର୍ମାଣ କରିଦିଅ-ନାମ ରହିଯିବ। କଲିକତାରେ Huchington Street ନାମରେ ଗୋଟିଏ ସାହି ଅଛି। କିନ୍ତୁ ଯାଇ ପଚାର କେଉଁ ହେଟିଂଟନ୍ଙ୍କ ନାମରେ ଏହାର ନାମ ଦିଆଯାଇଛି, କେହି କହି ପାରିବେ ନାହିଁ। ସ୍ମୃତି ରହିଲା ଆଉ କିପରି ? ସେତ ଦୂରର କଥା। ଆମର ଏ ଯେଉଁ ଜଗନ୍ନାଥ ଦେଉଳ ଅଛି, ତାର ନିର୍ମାତା ସମ୍ବନ୍ଧରେ କିଏ କହୁଛି ଅମୂକ ଲୋକ, ଅନ୍ୟ ଜଣେ କହୁଛି ସମୁକ ଲୋକ। ଏସବୁ ପ୍ରକୃତ ସ୍ମୃତିରକ୍ଷା କରି ପାରିବ ନାହିଁ।

ମୋ ଶିକ୍ଷା ଦ୍ୱାରା ଯଦି ଅନ୍ୟ ଜଣକର ଆମ୍ଭମାନଙ୍କ ଆତ୍ମା ଉପରେ କିଛି ଚିହ୍ନ ରଖିପାରେ, ତେବେ ତାଙ୍କର ସ୍ମୃତି ଅକ୍ଷୁର୍ଣ୍ଣ ବୋଲି ଜ୍ଞାନ କରିବାକୁ ହେବ। ତାହା କି ଚିହ୍ନ ରଖିପାରେ ? ଓଡ଼ିଶାର କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଆତ୍ମା ଯେପରି ବିକଶିତ ହୋଇଥିଲା, ସେହି ଆତ୍ମାର କାର୍ଯ୍ୟଶୀଳତା ଯଦି କୌଣସି ପ୍ରକାର କରାଯାଇପାରେ, ତେବେ ତାଙ୍କର ସ୍ମୃତି ରହିବ। ଏହିପରି ଆତ୍ମା ଉପରେ ଉପକାରର ଉପାୟ କରାଯିବା ଉଚିତ।

# "ଡେଭିଲ ଧୂମକେତୁ" ଆସୁଅଛି, ହୈଲୀ କେବେ ? (୩)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪





ବିଭିନ୍ନ ଦିଗରୁ ହେଲୀର ଫଟୋ । ସୌଜନ୍ୟ: ନାସା

ଗତ ଆଲେଖ୍ୟରେ ଆମେ "ଡେଭିଲ ଧୂମକେତୁ","ହୈଲୀ ଧୂମକେତୁ" ଓ ଅନ୍ୟ ଧୂମକେତୁ ମାନଙ୍କର ଅବସ୍ଥିତି ବିଷୟରେ କିଛି ଆଲୋଚନା କରିଥିଲୁ। ନାସାର ଅନୁଧାନ ଅନୁଯାୟୀ "ଡେଭିଲ ଧୂମକେତୁ", ପେରିହେଲିଅନ୍ ବା ପରିକ୍ରମା ର ପଥର ବିନ୍ଦୁ ଯାହା ସୂର୍ଯ୍ୟ ର କେନ୍ଦ୍ରରୁ ନିକଟତମ ସ୍ଥାନ ଦେଇ ୧୯୫୪ ରେ ଅତିକ୍ରମ କରିଥିଲା। ତେଣୁ ଅନୁମାନ କରାଯାଏ ସେ ଏହି ବର୍ଷ ଏପ୍ରିଲ୍ ୨୧ରେ ମାନେ ୨୦୨୪ ରେ ହିଁ ଦୃଶ୍ୟମାନ ହେବ। ଏପ୍ରିଲ୍ ୮ର ସମୁଦାୟ ସୂର୍ଯ୍ୟ ଗ୍ରହଣର ଦୁଇ ସପ୍ତାହ ପରେ ତାହା ଉତ୍ତର ଆମେରିକା ଅତିକ୍ରମ କରିବ ଏବଂ ଆମେ ବର୍ତ୍ତମାନ ଜାଣୁ ଯେ ସମୁଦାୟ ସମୟରେ ଡେଭିଲ ଧୂମକେତୁ ସୂର୍ଯ୍ୟଙ୍କ ନିକଟରେ ଆକାଶରେ ରହିବ।

ଅନ୍ୟ ଏକ ନାସା ମିଶନ, ଡିପ୍ ଇମ୍ପାକ୍ଟ, ଏକ ବୈମାନିକ ମହାକାଶଯାନ ଏବଂ ଏକ ଇମ୍ପାକ୍ଟରକୁ ନେଇ ଗଠିତ। ଜୁଲାଇ ୨୦୦୫ ରେ, ଏକ ଧକ୍କାପାଇବା ଉଦ୍ଦେଶ୍ୟରେ ଇମ୍ପାକ୍ଟରକୁ ଏକ ଯୋଜନାବଦ୍ଧ ଭାବରେ ଟେମ୍ପେଲ ଧୂମକେତୁ-୧ ର ନ୍ୟୁକ୍ଲିୟସ ରାସ୍ତାରେ ମୁକ୍ତ କରାଯାଇଥିଲା, ଯାହା ପ୍ରଭାବରେ ଇମ୍ପାକ୍ଟର ସଂପୂର୍ଣ୍ଣ ରୂପେ ବାଷ୍ପୀଭୂତ ହୋଇ ଧୂମକେତୁ ପୃଷ୍ଠରୁ ବହୁ ପରିମାଣର ସୂକ୍ଷ୍ମ, ପାଉଡର ପଦାର୍ଥ ବାହାର କରିଥିଲା। ପ୍ରଭାବର ମାର୍ଗରେଥିବା ଇମ୍ପାକ୍ଟର କ୍ୟାମେରା ଧୂମକେତୁର ବିସ୍ତୃତ ଭାବରେ ଚିତ୍ରନେଇଥିଲା। ମହାକାଶଯାନରେ ଥିବା ଦୁଇଟି କ୍ୟାମେରା ଏବଂ ଏକ ସ୍ପେକ୍ଟ୍ରୋମିଟର ନାଟକୀୟ ପ୍ରକ୍ରିୟାକୁ ରେକର୍ଡ କରିଥିଲା ଯାହା ନ୍ୟୁକ୍ଲିୟର ଭିତର ରଚନା ଏବଂ ଗଠନ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥିଲା। ସେମାନଙ୍କର ସଫଳ ପ୍ରାଥମିକ ମିଶନ ପରେ, ଡିପ୍ ଇମ୍ପାକ୍ଟ ମହାକାଶଯାନ ତଥାପି ସୁସ୍ଥ ଥିଲା ଏବଂ ଅତିରିକ୍ତ କାର୍ଯ୍ୟ ପାଇଁ ପ୍ରସ୍ତୁତ ଥିଲା। ଡିପ୍ ଇମ୍ପାକ୍ଟର ମିଶନ୍, ଇପିଏକ୍ସଇ (ଏକ୍ସଟ୍ରାସୋଲାର୍ ପ୍ଲାନେଟ୍ ଅବଜରଭେସନ୍ ଏବଂ ଡିପ୍ ଇମ୍ପାକ୍ଟ ଏକ୍ସଟେଣ୍ଡେଡ ଇନଭେଷ୍ଟିଗେଶନ) ଦୁଇଟି ପ୍ରକଳ୍ପକୁ ନେଇ ଗଠିତ ହୋଇଥିଲା: ପ୍ରଥମଟି ହେଲା ଡିପ୍ ଇମ୍ପାକ୍ଟ ଏକ୍ସଟେଣ୍ଡେଡ ଇନଭେଷ୍ଟିଗେଶନ(DIXI)ଯାହା ନଭେମ୍ବର ୨୦୧୦ ରେ ହାର୍ଟଲି-୨ ଧୂମକେତୁର ସମ୍ମୁଖୀନ ହୋଇଥିଲା ଏବଂ ଦ୍ୱିତୀୟଟି ହେଲା ଏକ୍ସଟ୍ରାସୋଲାର୍ ପ୍ଲାନେଟ୍ ଇନଭେଷ୍ଟିଗେଶନ ଏବଂ Characterization (EPOCh), ଯାହାକି ହାର୍ଟଲି-୨ ମାର୍ଗରେ ଥିବା ପୃଥିବୀ ଆକାରର ଅନ୍ୟ ତାରା ବା ଗ୍ରହମାନଙ୍କୁ ଖୋଜିଥିଲା। ନାସା ୨୦୧୧ ରେ ଟେମ୍ପେଲ-୧ କୁ ଫେରାଇଆଣିଥିଲା, ଯେତେବେଳେ ଷ୍ଟାରଡଷ୍ଟ ନ୍ୟୁ ଏକ୍ସପ୍ଲୋରେସନ୍ ଅଫ୍ ଟେମ୍ପେଲ୍-୧ (NExT)ମିଶନ୍ ଡିପ୍ ଇମ୍ପାକ୍ଟର ୨୦୦୫ ମୁକାବିଲା ପରେ ନ୍ୟୁକ୍ଲିଅସରେ ପରିବର୍ତ୍ତନ ଦେଖିଲା। ଧୂମକେତୁର ଅନ୍ୟ ଏକ ଦିଗକୁ ଦେଖିବା। ଧୂମକେତୁ ମାନେ କିପରି ସେମାନଙ୍କ ନାମ ପାଆନ୍ତି। ଧୂମକେତୁର ନାମକରଣ ଜଟିଳ ହୋଇପାରେ। ଧୂମକେତୁ ସାଧାରଣତଃ ସେମାନଙ୍କର ଆବିଷ୍କାରକ ପାଇଁ ନାମିତ ହୁଏ - ଜଣେ ବ୍ୟକ୍ତି କିମ୍ବା ମହାକାଶଯାନ। ଆନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ୟୁନିଅନର ଗାଇଡଲାଇନ କେବଳ ଗତ ଶତାବ୍ଦୀରେ ବିକଶିତ ହୋଇଥିଲା। ଉଦାହରଣ ସ୍ୱରୂପ, ଧୂମକେତୁ ଶୁମେକର-ଲେଭି ୯ ଏତେ ଥର ନାମିତ ହୋଇଥିଲା କାରଣ ଏହା ଇଉଜିନ୍ ଏବଂ କାରୋଲିନ୍ ଶୁମେକର ଏବଂ ଡେଭିଡ ଲେଭିଙ୍କ ଦ୍ୱାରା ଆବିଷ୍କୃତ ନବମ ସ୍ୱଳ୍ପକାଳୀନ ଧୂମକେତୁ ଥିଲା। ଯେହେତୁ ମହାକାଶଯାନ ଧୂମକେତୁ ଚିହ୍ନିବାରେ ଅତ୍ୟନ୍ତ ପ୍ରଭାବଶାଳୀ, ଅନେକ ଧୂମକେତୁ ସେମାନଙ୍କ ନାମରେ LINEAR, SOHO କିମ୍ବା WISEମଧ୍ୟ ଥାଏ।

ସାଧାରଣତଃ ଧୂମକେତୁ ଗୁଡିକ ଚାରୋଟି ଶ୍ରେଣୀରେ ବିଭକ୍ତ କରାଯାଏ : (୧) ନିର୍ଦ୍ଦିଷ୍ଟ କାଳିକ ଧୂମକେତୁ (ଯଥା ହେଲୀ ଧୂମକେତୁ), (୨) ଅଣ-କାଳିକ ଧୂମକେତୁ (ଯଥା ହାଲେ-ବପ୍), (୩) କୌଣସି କକ୍ଷପଥ ବିନା ଧୂମକେତୁ (୧୧୦୬ ର ମହାନ ଧୂମକେତୁ ), ଏବଂ (୪) ହଜିଯାଇଥିବା ଧୂମକେତୁ(5D / Brorsen), ଯାହାକୁ P (ପର୍ଯ୍ୟାୟିକ), C (ଅଣ-ପର୍ଯ୍ୟାୟ), X (କକ୍ଷପଥ ନାହିଁ), ଏବଂ D (ହଜିଯାଇଛି) ପ୍ରଦର୍ଶିତ କରାଯାଏ। ଗ୍ରହମାନଙ୍କ ତୁଳନାରେ ପ୍ଲୁଟୋ ଖୁବ୍ ଛୋଟ କିନ୍ତୁ ଏହା ଧୂମକେତୁ ଅପେକ୍ଷା ବହୁତ ବଡ ଅଟେ। ଏହା ପ୍ରାୟ ୧୨୦୦ କିଲୋମିଟର ବ୍ୟାସାର୍ଦ୍ଧ, ପୃଥିବୀର ୫ ଭାଗରୁ ଭାଗେ ଏବଂ ଚନ୍ଦ୍ରର ଦୁଇ ତୃତୀୟାଂଶ ଆକାରର। ଏହାର ଆୟତନ ପୃଥିବୀର ୦.୨% ଅଟେ (ଚନ୍ଦ୍ରର ପ୍ରାୟ ୧/୬)।

ହେଲୀ ଧୂମକେତୁ ପରବର୍ତ୍ତୀ ସମୟରେ ୨୦୬୧ ମସିହାରେ ରାତିର ଆକାଶରେ ଦୃଶ୍ୟମାନ ହେବ। ଏହା ପ୍ରତି ୭୫-୭୬ ବର୍ଷରେ ସୂର୍ଯ୍ୟଙ୍କୁ ପରିକ୍ରମା କରେ, ତେଣୁ ଏହା ହେଉଛି ଦୃଶ୍ୟ ହେବାର ସମୟ। ୧୬୮୨ ମସିହାରେ ଏଡମୁଣ୍ଡ ହେଲୀଙ୍କ ଦ୍ୱାରା ଦେଖା ଯାଇଥିଲା। ଏହା ପରେ ୧୭୫୮, ୧୮୩୫, ୧୯୧୦,ଏବଂ ୧୯୮୬ ରେ ପୁନର୍ବାର ଦେଖାଯାଇଥିଲା। ହେଲୀ ଧୂମକେତୁ ୧୯୮୬ ମସିହାରେ ହଠାତ ଦକ୍ଷିଣ ଗୋଲାର୍ଦ୍ଧରେ ଅତି ସହଜରେ ଦୃଶ୍ୟମାନ ହେଉଥିଲା, ଯାହା ଦ୍ୱାରା ହଜାର ହଜାର ଲୋକଙ୍କୁ ଅଷ୍ଟ୍ରେଲିଆ, ଦକ୍ଷିଣ ଆମେରିକା ଏବଂ ଦକ୍ଷିଣ ପ୍ରଶାନ୍ତ ଭଳି ଦୂର ଅନ୍ଧକାର ସ୍ଥାନକୁ ଯାତ୍ରା କରିବାକୁ କୁହାଯାଇଥିଲା। ୨୦୬୧ ମସିହାରେ, ହେଲୀ ପେରିହେଲିଅନ୍, ନିମ୍ନ ସଂଯୋଗ (ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟରେ) ଏବଂ ପୃଥିବୀର ନିକଟତମ ସ୍ଥାନ ଦେଇଜୁଲାଇ ୨୮-୨୯ ରେ ଚଳନ ହେବ। ଏହାର ପ୍ରବୃତ୍ତ କକ୍ଷପଥରେ, ଉତ୍ତରରେ କିମ୍ବା ପୃଥିବୀର କକ୍ଷପଥ"ଉପରେ" ରହିବ ଏବଂ ସୂର୍ଯ୍ୟଙ୍କଠାରୁ ୨୧° ଡିଗ୍ରୀ ଉତ୍ତରରେ ଦେଖାଯିବ।

ହେଲୀ ଧୂମକେତୁ ସବୁଠୁ ବଡ ଧୂମକେତୁ ନୁହେଁ, କିନ୍ତୁ ଏହା ସବୁଠାରୁ ପ୍ରସିଦ୍ଧ ଅଟେ। ନାଭିପିଣ୍ଡ କିମ୍ବା ନ୍ୟୁକ୍ଲିୟସର ବ୍ୟାସାର୍ଦ୍ଧରେ ସବୁଠାରୁ ବଡ ଧୂମକେତୁ ହେଉଛି ଚିରନ୍। ଏହାର ବ୍ୟାସାର୍ଦ୍ଧ ୮୪.୩୧୪ ମାଇଲ୍ ଓ ଏହାର ଏକ ନ୍ୟୁକ୍ଲିଅସ୍ ଅଛି। ଲଭ୍ୟ ତଥ୍ୟ ଅନୁଯାୟୀ ଦ୍ୱିତୀୟ ବୃହତ୍ତମ ଧୂମକେତୁ ହେଉଛି ହାଲେ-ବପ୍, ଯାହାର ବ୍ୟାସାର୍ଦ୍ଧ ୧୮.୬୪୧ ମାଇଲ୍। ହେଲୀକୁ ସବୁଠାରୁ ପ୍ରସିଦ୍ଧ ଧୂମକେତୁ କୁହାଯାଏ କାରଣ ଏହା ପ୍ରଥମ ଥର ଦେଖିବା ପରେ ଜ୍ୟୋତିର୍ବିଜ୍ଞାନୀମାନେ ବୁଝିପାରିଥିଲେ ଯେ ଏହା ଆମ ରାତିର ଆକାଶରେ ପୁନର୍ବାର ଗମନ କରିପାରନ୍ତି। ଜ୍ୟୋତିର୍ବିଜ୍ଞାନୀମାନେ ବର୍ତ୍ତମାନ ଧୂମକେତୁ ଦୃଶ୍ୟକୁ ୨,୦୦୦ ବର୍ଷରୁ ଅଧିକ ସମୟର ପର୍ଯ୍ୟବେକ୍ଷଣ ସହିତ ଯୋଡିଛନ୍ତି। ବିଜ୍ଞାନ ୱେବସାଇଟ୍ ଆର୍ଥସ୍କି ଅନୁଯାୟୀ, ହେଲୀ ସୂର୍ଯ୍ୟଙ୍କଠାରୁ ଦୂରତମ ସ୍ଥାନ, ଡିସେମ୍ବର ୯, ୨୦୨୩ ରେ ପହଞ୍ଚିଥିଲା। ୧୯୮୬ ରେ ପୃଥିବୀରୁ ହେଲୀ ଧୂମକେତୁ ଦୃଶ୍ୟମାନ ହୋଇଥିଲା। ନାସା ର ଗଣନା ଅନୁଯାୟୀ ଏହା ୨୦୬୧ ମସିହାରେ ଏହାର ପରବର୍ତ୍ତୀ ରୂପ ଧାରଣ କରିବ ବୋଲି ଆଶା କରାଯାଉଛି। ପ୍ରାୟ ୭୬ ବର୍ଷରେ ଦେଖାଯାଉଥିବା ଧୂମକେତୁ ପୃଥିବୀରୁ ଏପର୍ଯ୍ୟନ୍ତ ଦେଖାଯାଇଥିବା ଉଜ୍ଜ୍ୱଳ ଧୂମକେତୁ ଅଟେ। ଏହାର ପେରିହେଲିଅନ୍ ୫୫ କିଲୋମିଟର / ସେକେଣ୍ଡର ବେଗରେ ୮୮ ନିୟୁତ କିଲୋମିଟର; ଏହାର ଆପିହେଲିଅନ୍ ୫.୩ ବିଲିୟନ କିଲୋମିଟର ବେଗରେ ୧ କିଲୋମିଟର ବେଗରେ ସମାପ୍ତ କରେ।

ଦୀର୍ଘକାଳୀନ ଧୂମକେତୁ ଗୁଡିକରେ ଅତ୍ୟଧିକ ବିଚିତ୍ର କକ୍ଷପଥ ଏବଂ ଅବଧି ୨୦୦ ବର୍ଷରୁ ହଜାରେ କିମ୍ବା ଲକ୍ଷ ଲକ୍ଷ ବର୍ଷ ପର୍ଯ୍ୟନ୍ତ ରହିଥାଏ। ପେରିହେଲିଅନ୍ ନିକଟରେ ୧ ରୁ ଅଧିକ ବିଚିତ୍ରତା ହେବାର ଅର୍ଥ ନୁହେଁ ଯେ କୌଣସି ଧୂମକେତୁ ସୌରପ୍ରଣାଳୀ ଛାଡି ପଳାଇବ। ସାଧାରଣତଃ ସେଗୁଡିକ କିଛି ମାଇଲରୁ ଦଶ ମାଇଲ ଚଉଡା ମଧ୍ୟରେ ରହିଥାଏ, କିନ୍ତୁ ଯେତେବେଳେ ସେମାନେ ସୂର୍ଯ୍ୟଙ୍କ ନିକଟତର ହୁଅନ୍ତି, ସେତେବେଳେ ସେମାନେ ଉତ୍ତାପ ନିଃସରଣ କରନ୍ତି ଏବଂ ଗ୍ୟାସ ଏବଂ ଧୂଳି ଏକ ଚମକୁଥିବା ଅଞ୍ଚଳ ଗଠନ କରନ୍ତି ଯାହା ଏକ ଗ୍ରହଠାରୁ ମଧ୍ୟ ବଡ ହୋଇପାରେ। ଏହି ପଦାର୍ଥ ଏକ ଲାଞ୍ଜ ସୃଷ୍ଟି କରେ ଯାହା ଲକ୍ଷାଧିକ ମାଇଲ ବିସ୍ତାର କରେ। ଧୂମକେତୁ ହେଉଛି ଥଣ୍ଡା ଦ୍ୱାରା ସଂରକ୍ଷିତ ଗ୍ୟାସ୍, ପଥର ଏବଂ ଧୂଳିଇତ୍ୟାଦି ର ଏକ ସମାବେଶ ଯାହା ସୂର୍ଯ୍ୟଙ୍କୁ ପରିକ୍ରମା କରେ। ପୃଥିବୀରୁ ହେଲୀ ଧୂମକେତୁ (1P / Halley)ର ଦୂରତା ବର୍ତ୍ତମାନ ୫,୧୨୧,୫୫୫,୬୧୧ କିଲୋମିଟର ଅଟେ, ଯାହା ୩୪.୨୩୫୪୮୫ ଜ୍ୟୋତିର୍ବିଜ୍ଞାନ ୟୁନିଟ୍ ସହିତ ସମାନ। ଆଲୋକ ଏହି ଧୂମକେତୁ (1P / Halley)ରୁ ଆମ ପାଖକୁ ପହଞ୍ଚିବା ପାଇଁ ୪ ଘଣ୍ଟା, ୪୪ ମିନିଟ୍ ଏବଂ ୪୩.୬୭୦୬ ସେକେଣ୍ଡ ନେଇଥାଏ।

ମନରେ ପ୍ରଶ୍ନ ଉଠେ ଏହା କୌଣସି ଗ୍ରହକୁ ଧକ୍କା ଦେବ କି ? ବୈଜ୍ଞାନିକମାନେ କହିଛନ୍ତି ଯେ ବର୍ତ୍ତମାନ ହେଲୀ ସୌରପ୍ରଣାଳୀରେ କୌଣସି ଗ୍ରହକୁ ଆଘାତ କରିବା ପଥରେ ନାହିଁ। ୨,୦୦୦ବର୍ଷରୁ ଅଧିକ ସମୟ ଧରି ସେ ଏହି ଧର୍ମ ପାଳନ କରିଆସୁଅଛି ଏବଂ ପୃଥିବୀର ଆକାଶରେ ଏହାର ନିୟମିତ ରୂପେ ଦେଖା ଯାଉଥିବା ଧୂମକେତୁ ରୂପେ ପ୍ରସିଦ୍ଧ।

ଆର ଥରକୁ ଅନ୍ୟ ଏକ ବିଷୟରେ ଆଲୋଚନା କରିବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଫେବୃୟାରୀ ୨୦୨୪ ମଙ୍ଗଳବାର



# ଓଡ଼ିଆ ଭାଷା ବିପ୍ଳବର ନବଜାଗରଣ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪'

ମାତୃଭୂମି ଓ ମାତୃଭାଷା ପ୍ରତି ସତତ ନିରାଜନା ଗୋଟିଏ ସମୃଦ୍ଧ ଜାତିର ପରିଚୟ ଭାବେ ସେଇ ଜାତିର ନାଗରିକଙ୍କୁ ତା'ର ଶ୍ରେୟ ପ୍ରଦାନ କରିଥାଏ । ଭାଷା ଗୋଟିଏ ସମୁନ୍ନତ ଜାତିର ପ୍ରାଣ ସ୍ପନ୍ଦନ । ସ୍ୱାଧିନୋତ୍ତର ଭାରତ ବର୍ଷରେ ଯେଉଁ କେତେକ ଭାଷା ଶୀର୍ଷ ଶିଖର ଛୁଇଁଛନ୍ତି ତନ୍ମଧ୍ୟରୁ ଓଡ଼ିଆ ଭାଷା ସର୍ବୋତ୍ତମ-ହୃଦୟଗ୍ରାହୀ ଭାଷା । ଓଡ଼ିଆ ଭାଷାର ଲାଳିତ୍ୟ-ଆଭିଜାତ୍ୟ ସର୍ବପ୍ରାଚୀନ । ତେଣୁ ତ ସେ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବାରେ ସର୍ବକାଳୀନ ଏକ ପ୍ରମୁଖ ଦାବୀଦାର । ଭାଷା ଯେଉଁ ଜାତିର ଯେତେ ସମୃଦ୍ଧ ସେ ଜାତି ସେତେ ଗୌରବଶାଳୀ । ଭାଷାର ଆଳଙ୍କରିକ ପ୍ରୟୋଗ ଓ ସୁମହତ ବିନ୍ୟାସ ଯୋଗୁ ଆଜି ହଜାର ବର୍ଷର ଓଡ଼ିଆ ଭାଷା ସାହିତ୍ୟ ମଧୁର-ଗତିଶୀଳ ଓ ସ୍ୱଚ୍ଛନ୍ଦ । ଓଡ଼ିଆ ଭାଷାର ସାହିତ୍ୟ-ସଙ୍ଗୀତ-ଜୀବନବୋଧ ଅତ୍ୟନ୍ତ ଉଚ୍ଚକୋଟୀର ।



ଏହି ସୁମହତ ଭାଷାର ଗୌରବାବହ ଅତୀତ ଇତିହାସକୁ ଲକ୍ଷ୍ୟ କଲେ ଆମ ଦୃଷ୍ଟି ସମ୍ମୁଖକୁ ଆସନ୍ତି ଭାଷା ବିପ୍ଳବର ମହାନ କାଣ୍ଡାରୀ କର୍ମବୀର ଗୌରୀଶଙ୍କର ରାୟ । ଯାହାଙ୍କର ପ୍ରାଣମୂର୍ଚ୍ଛା ଉଦ୍ୟମ-ବଳିଷ୍ଠ କର୍ମଯୋଗ ଓ ବନ୍ଧୁ ସଂଖୋଳା ପଣରେ ବାନ୍ଧି ହୋଇ ପଡ଼ିଥିଲେ ଅନେକ ଦିଗ୍‌ଗଜ ସାଥୀ-ସଙ୍ଗାତ । ଏହି ବିପ୍ଳବର କର୍ଣ୍ଣଧାର ଥିଲେ ଗୌରୀଶଙ୍କର, ବାବୁ ବିଚିତ୍ରାନନ୍ଦ, ଲାଲା ଜଗମୋହନଙ୍କ ପରି ଅନେକାନେକ କ୍ରାନ୍ତିକାରୀ ଭାଷାଯୋଦ୍ଧା । ୧୮୬୫ ମସିହାରେ ଗୌରୀଶଙ୍କରଙ୍କ ଆହ୍ୱାନ ଓ ବିଦ୍ୱାନ ଭାଷା-ଜାତି ପ୍ରାଣ ସାରସ୍ୱତ ସାଧକଙ୍କ ପ୍ରଚେଷ୍ଟାରେ ତାଙ୍କ ଦ୍ୱାରା ସମ୍ପାଦିତ ହୁଏ କଟକ ସହରରୁ ଉତ୍କଳ ଦୀପିକା, ସନ ୧୮୬୬ ମସିହାରେ। **'କଟକ ପ୍ରିଣ୍ଟିଂ କମ୍ପାନୀ'**, ଭାଷା ସାହିତ୍ୟ- ସମାଜ ସେବାର ଏକ ସୁଦୃଢ଼ ପିଣ୍ଡି ଭାବରେ ଓଡ଼ିଆ ଭାଷାର ଆତ୍ମାକୁ ବିଚ୍ଛିନ୍ନତାର କବଳରୁ ରକ୍ଷା କରି ଓଡ଼ିଆ ଭାଷା ପ୍ରାଣ ପ୍ରତିଷ୍ଠାରେ ଏକ ନବ ଜାଗରଣ ସୃଷ୍ଟି କରିଥିଲା । ଏହା ଆମର ଅତୀତ ନୁହେଁ- ଏବେ ଏକ ଆହ୍ୱାନ ।


ସେହି ଆହ୍ୱାନର ଉଚ୍ଚକିତ ସ୍ୱରରେ ଆମ ଏବର ରାଜ୍ୟ ସରକାର ଯେଉଁ ବୈପ୍ଳବିକ ଉଦ୍‌ଘୋଷଣ କରିଛନ୍ତି ତାହା ଅବଶ୍ୟ ଆମ ଭାଷାର ସ୍ଥାଣୁତାକୁ ନେଇ ନାଗରିକର ମନରେ ସ୍ୱତଃ ଉଠିଥିବା ଅମୂଳକ ସଂଶୟର ଏକ ସମାଧାନ । ଆମ ଭାଷା ବଞ୍ଚିବ ସହସ୍ର ବର୍ଷ ଧରି-କେବଳ ସମ୍ୟକ ନିରାଜନା ଲୋଡ଼ା !


କର୍ମବୀର ଗୌରୀଶଙ୍କର ତୃପ୍ତ ଆତ୍ମା ହୁଏତ ଆଜି ସ୍ୱର୍ଗବାସରେ ଥାଇ ଉଲ୍ଲସିତ ହେଉଥିବ ! ଆମ ନୂତନ ପିଢ଼ିର ଏହି ସୁମହତ କାର୍ଯ୍ୟ ଦେଖି ସେ ହୁଏତ ନିଜ ଭିତରେ ଗୋଟିଏ ସଜଳ ଦୀର୍ଘଶ୍ୱାସ ନେଉଥିବେ ... ଆହାଃ । ବିଗତ ତ୍ରିଦିବସୀୟ **'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ - ୨୦୨୪'** ରେ ଆମ ଅନୁଷ୍ଠାନର ଯୋଗଦାନ ବାସ୍ତବିକ ଆମକୁ ଧନ୍ୟ କରିଛି । ମାତୃଭାଷା ପ୍ରତି ସମ୍ୟକ ସେବା, ନିରାଜନାର ଏ ମହାର୍ଘ ମୁହୂର୍ତ୍ତ ହୁଏତ ଶ୍ରୀଜଗନ୍ନାଥଙ୍କ କୃପାରୁ ଓ ଆମକୁ କର୍ମବୀର ଗୌରୀଶଙ୍କରଙ୍କର ଉତ୍ତରଦାୟାଦ୍ ଭାବେ ମିଳିଛି । ସେ ପାଇଁ ଦୀର୍ଘ ଏକ ସପ୍ତାହ ଧରି ଆମର ସମ୍ବାଦପତ୍ର ପ୍ରତିଷ୍ଠାନ- 'ସମ୍ବାଦ କଳିକା', 'ଉତ୍କଳ ଦୀପିକା' ଓ 'କଥା କଳିକା' କର୍ମୀମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ଆମେ ସେଇ ସୁଖଟିକୁ ପାଇଛୁ ଆମ ପ୍ରିୟ ସମ୍ପାଦକ ଜୟାଶୀଷ ରାୟଙ୍କ ପ୍ରେରଣାରେ, କଥା କଳିକାର ମୁଖ୍ୟ ସମ୍ପାଦିକା ସୁପ୍ରଭା ରାୟ, କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଚରଣ ଷଡ଼ଙ୍ଗୀ, ବାର୍ତ୍ତା ସମ୍ପାଦକ ଏସ.ଏ. କଲିମ୍, ଦିନବନ୍ଧୁ ସାହୁ, ଲକ୍ଷ୍ମୀ ଚାନ୍ଦ, ଅନୀତା ପଟ୍ଟନାୟକ, ଲୋପାମୁଦ୍ରା ଘଡ଼େଇ, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଶରତ ସାହୁ, ବସନ୍ତ ସ୍ୱାଇଁ, ମନୋଜ ମହାନ୍ତି, ପ୍ରେମାନନ୍ଦ ଚୌଧୁରୀ ଏବଂ ବାସୁଦେବ ବାରିକ ପ୍ରମୁଖ ସେମାନଙ୍କର ବହୁ ଶ୍ରମ-ସେବା ଯୋଗାଇ ଦେବାରେ କେବେହେଁ କାର୍ପଣ୍ୟ କରିନାହାଁନ୍ତି ।

ଉତ୍କଳ ଦୀପିକା-କଥା କଳିକା ଆଦି ପତ୍ରିକାର ନବ୍ୟ ଓ ପୁରାତନ ସଂସ୍କରଣ ଗୁଡ଼ିକ ପ୍ରଚୁର ପରିମାଣରେ ପ୍ରଥମ କରି ଜନତା ମଇଦାନର ଭାଷା ସମ୍ମିଳନୀରେ ବହୁବିଧ ପାଠକ ମାନଙ୍କୁ ଯୋଗାଇ ଦେଇ ଆମେ ଏକ ଅପୂର୍ବ ଉଲ୍ଲାସ ପାଇଛୁ ଓ ଏହା ଜନାଦୃତ ହୋଇଛି । ଏହି ସୁଯୋଗ ଆମ ପାଇଁ ଗୌରବ ଦେଇଛି । ଏହି ଅବସରରେ ସମ୍ମିଳନୀର ପୁରୋଧା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭି.କେ. ପାଣ୍ଡିଆନ୍, ସୁଜାତା କାର୍ତ୍ତିକେୟନ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସଞ୍ଜୟ ସିଂହ, ଆର. ବାଲାକ୍ରିଷ୍ଣନ୍, ହେମନ୍ତ ଶର୍ମା, ସରୋଜ ସାମଲ, ଦିଲ୍ଲୀପ ରାଉତରାୟ ମହୋଦୟ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛୁ ।

ଆମର ପ୍ରିୟ ପାଠକ ବର୍ଗଙ୍କ ଗୋଚରାର୍ଥେ ତ୍ରିଦିବସବ୍ୟାପୀ ଏହି ସମାରୋହରୁ ଉତ୍ତୋଳିତ ଫଟୋଚିତ୍ର ଗୁଡ଼ିକୁ ଆମେ ଏଠାରେ ଉପସ୍ଥାପନ କରୁଛୁ ...








## ଅନ୍ତରଙ୍ଗ ଅଭିବ୍ୟକ୍ତି

ନବଜାଗରଣର ପର୍ବ ପ୍ରଥମ **'ଓଡ଼ିଆ ବିଶ୍ୱଭାଷା ସମ୍ମିଳନୀ-୨୦୨୪'**ର ମହାର୍ଘ କାର୍ଯ୍ୟାନ୍ୱୟନ ମୋତେ ବିଶେଷ ଭାବେ ଚକିତ-ଚଞ୍ଚଳ କରିଛି । କର୍ବବୀର ଗୌରୀ ଶଙ୍କରଙ୍କର ଉତ୍ତର ପିଢ଼ି ରକ୍ତରେ ଆମେ ସଜୀବ ଏବଂ ଭାଷା ସାହିତ୍ୟ ମୁଖର ଗୋଟେ ନିରବଚ୍ଛିନ୍ନ ଦୀର୍ଘଶ୍ୱାସ । ଯାହା ଆମକୁ ସେଇ ସୂତ୍ରରେ ଭାଷା ଜନନୀର ସେବା କରିବା ପାଇଁ ଏକ ମହାର୍ଘ ସୁଯୋଗ ପ୍ରଦାନ କରିଛି । ସେ ପାଇଁ ମୁଁ ଗର୍ବିତ ।

ସମ୍ମିଳନୀର ପ୍ରାରମ୍ଭରୁ ଉଦ୍‌ଯାପନୀ ଦିବସ ପର୍ଯ୍ୟନ୍ତ ଆମ୍ଭର ଅନୁଷ୍ଠାନରୁ ପ୍ରକାଶିତ ଉତ୍କଳ ଦୀପିକା, କଥାକଳିକା, ସମ୍ବାଦ କଳିକା ଆଦି ପ୍ରଚୁର ପରିମାଣରେ ଆମର ପ୍ରିୟ ବିଦେଶାଗତ ପାଠକ-ଦର୍ଶକ-ଭାଷାପ୍ରେମୀ-ସଜ୍ଜନ ବୁଦ୍ଧିଜୀବୀ, ସାହିତ୍ୟିକମାନଙ୍କୁ ପ୍ରର୍ଯ୍ୟାପ୍ତ ଯୋଗାଇ ଦେବାରେ ଯେଉଁ ଆନନ୍ଦ ଆମର ତାହା କହିବା ବାହୁଲ୍ୟ ହେବ । ଆଜିର କମ୍ପ୍ୟୁଟର ଓ ବିଦ୍‌ବତ୍ତା ଯୁଗରେ ଏତେ ସଂଖ୍ୟାରେ ଯେ ମୁଦ୍ରିତ ପୁସ୍ତକ-ପତ୍ରିକା ପଢ଼ିବାରେ ଆମ ରାଜ୍ୟବାସୀଙ୍କର ସାତିଶୟ ଆଗ୍ରହ ଅଛି ତାହା ଦେଖି ମୁଁ ବିଭୋର ଏବଂ ବିସ୍ମିତ ।

ଏହି ସୁଖଦଃ ମୁହୂର୍ତ୍ତରେ ଆମ ରାଜ୍ୟର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ୫-ଟିର ଅଧକ୍ଷ ଶ୍ରୀଯୁକ୍ତ ଭି.କେ ପାଣ୍ଡିଆନ, ଶ୍ରୀମତୀ ସୁଜାତା କାର୍ତ୍ତିକେୟନ, ଶ୍ରୀଯୁକ୍ତ ଦିଲ୍ଲୀପ ରାଉତରାୟଙ୍କୁ ଧନ୍ୟବାଦ ଜଣାଉଛି ।

**ଜୟାଶୀଷ ରାୟ**
**(ସମ୍ପାଦକ)**
**ସମ୍ବାଦ କଳିକା, କଥା କଳିକା, ଉତ୍କଳ ଦୀପିକା**






























30 YEARS

ସମ୍ବାଦ କଳିକା

ଭୁବନେଶ୍ୱର,୦୬ ଫେବୃୟାରୀ,
ମଙ୍ଗଳବାର,୨୦୨୪




ଭୁବନେଶ୍ୱର : ଜୟଦେବ ଭବନରେ 'ଯୁଗଶ୍ରୀ ଯୁଗନାରୀ' ମାସିକ ପତ୍ରିକାର ବାର୍ଷିକ ସାରସ୍ୱତ ସମାରୋହ-୨୦୨୪ରେ ଶ୍ରେଷ୍ଠ ସମ୍ପାଦିକା ସମ୍ମାନରେ 'କଥା କଳିକା'ର ମୁଖ୍ୟ ସମ୍ପାଦିକା ତଥା ବିଶିଷ୍ଟ ଅନୁବାଦିକା ଶ୍ରୀମତୀ ସୁପ୍ରଭା ରାୟଙ୍କୁ ସମ୍ମାନିତ କରୁଛନ୍ତି ମୁଖ୍ୟ ଅତିଥି ଲୋକସେବକ ମଣ୍ଡଳ, ଓଡ଼ିଶାର ଅଧ୍ୟକ୍ଷ ନିରଞ୍ଜନ ରଥ, ମୁଖ୍ୟ ବକ୍ତା ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ମମତା ଦାସ, ସମ୍ମାନିତ ବକ୍ତା ସୁଧିରଞ୍ଜନ ମିଶ୍ର ଏବଂ 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ମମତା ମହାପାତ୍ର। (ଫଟୋ : ସମ୍ବାଦ କଳିକା)

# ବିଶାଖାପାଟନମ୍ ଟେଷ୍ଟରେ ଟିମ୍ ଇଣ୍ଡିଆ ବିଜୟୀ

**ବିଶାଖାପାଟନମ୍**

ପ୍ରଥମ ଟେଷ୍ଟର ବଦ୍‌ଲା ନେଲା ଟିମ୍ ଇଣ୍ଡିଆ। ବିଶାଖାପାଟନମରେ ଚାଲିଥିବା ୨ୟ ଟେଷ୍ଟ ମ୍ୟାଚ୍‌କୁ ୧୦୬ ରନ୍‌ରେ ବିଜୟୀ ହୋଇଛି ରୋହିତ ବାହିନୀ, ଯାହାଫଳରେ ୫ଟିକିଆ ସିରିଜ୍‌ରେ ୦-୧ରେ ପଛୁଆ ଥିବା ଟିମ୍ ଇଣ୍ଡିଆ ଏବେ ୧-୧ରେ ବରାବର କରିଛି। ୨୯୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି ଇଂଲଣ୍ଡ ଟିମ୍। ଆଗାମୀ ୧୫ ତାରିଖ ଦିନ ସୌରାଷ୍ଟ୍ରରେ ଖେଳାଯିବ ତୃତୀୟ ଟେଷ୍ଟ ମ୍ୟାଚ୍।

ଖବର ଅନୁଯାୟୀ, ୫ ଟିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ହାରିଥିଲା ଭାରତୀୟ ଟିମ୍। ଏହାପରେ ଫେବୃଆରୀ ୨ ତାରିଖରେ ଆରମ୍ଭ ହୋଇଥିଲା ୨ୟ ଟେଷ୍ଟ। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ରୋହିତ ଶର୍ମା, ଯାହାକୁ ଟିମ୍ ଇଣ୍ଡିଆ ପାଇଁ ଲକି ସାବ୍ୟସ୍ତ ହୋଇଥିଲେ। ଯୁବ ଜଶସ୍ୱୀ ଜୈସ୍ୱାଲ୍‌ଙ୍କ ଦମ୍‌ଦାର ଦ୍ୱିଶତକ ବଳରେ ଭାରତ ପ୍ରଥମ ପାରିରେ ୩୯୬ ରନ୍ କରିଥିଲା। ଏହାପରେ ପ୍ରଥମ ପାରିରେ ଇଂଲଣ୍ଡ ମାତ୍ର ୨୫୩ ରନ୍ କରିବାରେ ସକ୍ଷମ ହୋଇଥିଲା।

ଭାରତ ଟିମ୍ : ପ୍ରଥମ ଇନିଂସ ୩୯୬, ଦ୍ୱିତୀୟ ଇନିଂସ ୨୫୫
ଇଂଲଣ୍ଡ ଟିମ୍ : ପ୍ରଥମ ଇନିଂସ ୨୫୩, ଦ୍ୱିତୀୟ ଇନିଂସ ୨୯୨

# ଫ୍ଲାଇଙ୍ଗ ଇଗଲ କୁ ହରାଇ ସଦର ଇଲେଭେନ ବିଜୟୀ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମରେ କଟକ ସଦର ବ୍ଲକ ବିଜୁ ଜନତା ଦଳ ଓ ନିଶ୍ଚିନ୍ତକୋଇଲି ବ୍ଲକର ବିଜୁ ଜନତା ଦଳର ନିର୍ବାଚିତ ଲୋକ ପ୍ରତିନିଧି ଓ ନେତୃମଣ୍ଡଳୀକୁ ନେଇ ଏକ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କଟକ ସଦର ବ୍ଲକର ଇଲେଭେନ କ୍ରିକେଟ ଟିମ୍ ବିଜୟୀ ହୋଇଥିଲେ। ନିଶ୍ଚିନ୍ତକୋଇଲି ଫ୍ଲାଇଙ୍ଗ ଇଲେଭେନ ଟସ୍ ଜିତି ୧୦ ଓଭରରେ ୩ ୱିକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ସଦର ବ୍ଲକ ଇଲେଭେ କ୍ରିକେଟ କ୍ଲବ ୬.୬ ଓଭରରେ ବିନା ୱିକେଟ ହରାଇ ୧୦୪ ରନ କରି ବିଜୟୀ ହୋଇଥିଲେ। ପ୍ରମୋଦ ମ୍ୟାନ ଅଫ ଦି ମ୍ୟାଚ, ମିଳନ ଭୂୟାଁ ବେଷ୍ଟ ବ୍ୟାଟସମ୍ୟାନ,ମିହୀର ପତି ବେଷ୍ଟ ବୋଲର ଭାବେ ବିଜୟୀ ଘୋଷିତ ହୋଇଥିଲେ।





























ଭୁବନେଶ୍ୱର : ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ର ଉଦ୍‌ଯାପନୀ ଉତ୍ସବର ବିଭିନ୍ନ ଝଲକ୍। (ଫଟୋ : ସମ୍ବାଦ କଳିକା)

# ୪୫ ବର୍ଷର ଟେଷ୍ଟ ରେକର୍ଡ ଭାଙ୍ଗିଲେ ରବିଚନ୍ଦ୍ରନ ଅଶ୍ୱିନ

**ବିଶାଖାପାଟନମ୍**

ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ଭ୍ରମଣକାରୀ ଦଳ ଇଂଲଣ୍ଡକୁ ୧୦୬ ରନ୍‌ରେ ପରାସ୍ତ କରିଛି ଭାରତୀୟ ଟିମ୍। ଇଂଲଣ୍ଡକୁ ୩୯୯ ରନ୍ ଟାର୍ଗେଟ ଦେଇଥିଲା। ଜବାବରେ ଇଂଲଣ୍ଡ ୧୯୨ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ର ଅଶ୍ୱିନ ଏକ ଜବରଦସ୍ତ ରେକର୍ଡ କରିଛନ୍ତି। ସୋମବାର ୪୫ ବର୍ଷର ରେକର୍ଡ ଭାଙ୍ଗିଛନ୍ତି ଅଶ୍ୱିନ।




ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଅଶ୍ୱିନ ୩ଟି ୱିକେଟ ନେଇଥିଲେ। ଏହି ୱିକେଟ ନେବା ସହ ସେ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୱିକେଟ ନେଇଥିବା ଭାରତୀୟ ବୋଲର ହୋଇଛନ୍ତି ଆର ଅଶ୍ୱିନ। ସେ ଇଂଲଣ୍ଡ ବିପକ୍ଷରେ ୨୧ ଟେଷ୍ଟ ମ୍ୟାଚ୍ ଖେଳି ୯୭ ୱିକେଟ ନେବାର ଗୌରବ ଅର୍ଜନ କରିଛନ୍ତି।

ଅଶ୍ୱିନଙ୍କ ପୂର୍ବରୁ ଭାଗବତ ଚନ୍ଦ୍ରଶେଖର ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ ୱିକେଟ ହାସଲ କରିଥିଲେ। ସେ ୧୯୬୪ରୁ ୧୯୭୯ ମଧ୍ୟରେ ୨୩ ମ୍ୟାଚ ଖେଳି ୯୫ ୱିକେଟ ନେଇଥିଲେ। ଅଶ୍ୱିନ ୯୭ ୱିକେଟ ନେଇ ୪୫ ବର୍ଷ ପୁରୁଣା ରେକର୍ଡ ବାଙ୍ଗି ଦେଇଛନ୍ତି। ସେ ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନରେ ବେନ ଡକେଟ୍‌ଙ୍କୁ ଆଉଟ କରି ଏହି ରେକର୍ଡ କରିଛନ୍ତି। ସୂଚନା ଥାଉକି ଟେଷ୍ଟ କ୍ରିକେଟରେ ଅଶ୍ୱିନ ୪୯୯ ୱିକେଟ ନେଇଛନ୍ତି। ଯଦି ସେ ଆଉ ଗୋଟିଏ ନେଇଥାନ୍ତେ ତେବେ ୫୦୦ ୱିକେଟ ନେଇଥାନ୍ତେ।

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

E-Mail:rw.kamakhyanagar@yahoo.co.in

**O-2432**

**e-procurement Notice No 19 Road/Building Work/2023-24.**

| | | |
|---|---|---|
| 1. Name of the work | : | Road Works |
| 2. Total No. of Works | : | 6 (Six) Nos |
| 3. Tender Cost | : | Rs.3.39 to 8.47 lakhs (approx.) |
| 4. Class Contractor | : | "D" & "C" Class |
| 5. Period of Completion | : | 45 days |
| 6. Availability of Tender online for bidding | : | 06.02.2024 at 11.00 A.M to 12.02.2024 up to 3.00 P.M |
| 7. Last Date & Time of seeking tender clarification | : | 10.02.2024. upto 4.00 PM |
| 8. Date & Time of opening of tender | : | 12.02.2024 at 5.00 P.M |

Other Details can be seen from the website http://tendersorissa.gov.in.

**Sd/- Executive Engineer**
**R.W. Division-II, Dhenkanal.**
**Kamakhyanagar**

OIPR-25094/11/0023/2324

# ଅଲ୍‌ଇଣ୍ଡିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରଯୋଜକଙ୍କୁ ଟିମ୍ ବଣ୍ଟନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ରାମଧୂନ୍ କ୍ଲବ୍ ଦ୍ୱାରା ଆୟୋଜିତ ହେବାକୁ ଥିବା ୧୫ତମ ଅଲ୍ ଇଣ୍ଡିଆ ଫୁଟ୍‌ବଲ୍ ଟର୍ଣ୍ଣାମେଣ୍ଟ ପାଇଁ ଜିଲ୍ଲା କ୍ରୀଡ଼ା ସଂଘ ଅଫିସ୍ ଗାନ୍ଧୀ ଷ୍ଟାଡ଼ିୟମ ଠାରେ ଫ୍ରାଞ୍ଚାଇଜ୍ (ପ୍ରାୟୋଜକ) ମାନଙ୍କୁ ଲଟେରୀ ମାଧ୍ୟମ ରେ ଟିମ ଡିଷ୍ଟ୍ରିବୁସନ୍ କରାଯାଇଥିଲା। ସଭା ଓ ଲଟେରୀ କାର୍ଯ୍ୟକ୍ରମକୁ ରାମଧୁନ୍ କ୍ଲବ୍‌ର ଉପଧ୍ୟକ୍ଷ ତଥା କ୍ରୀଡ଼ାସଂଘ ଉପ-ସଭାପତି ଚିତ୍ତରଞ୍ଜନ ତରାସିଆ ପରିଚାଳନା କରିଥିବା ବେଳେ କ୍ଲବ୍‌ର ସମ୍ପାଦକ ପୀୟୂଷ ପଣ୍ଡା ପ୍ରଯୋଜକଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଲଟେରୀ ମାଧ୍ୟମରେ ସୋନପୁରର ଅର୍ଜୁନ ରିସୋର୍ଟ ସଂସ୍ଥାର ପ୍ରୋପାଇଟର ଗୌତମ ସାହୁ କିଶୋର କ୍ଲବ୍ ଭୁବନେଶ୍ୱରକୁ ଚୟନ କରିଥିବା ବେଳେ ସଂସ୍କାର ଏଗ୍ରୋ ସଂସ୍ଥା ପ୍ରୋପାଇଟର ଲୋକନାଥ ରଥ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ୍‌କୁ ଚୟନ କରିଛନ୍ତି। ସୋନପୁର ନାଇସେଟ ସଂସ୍ଥା ପ୍ରୋପାଇଟର ରମଣ ପ୍ରଧାନ ଭୁବନେଶ୍ୱର ଜଗା ୟୁନାଇଟେଡ଼କୁ ଚୟନ କରିଥିବା ବେଳେ ମା' ବଗଳକ୍ଷ ଜ୍ୱେଲର ପ୍ରୋପାଇଟର ରୂପେଶ ଅଗ୍ରୱାଲା କଲିକତା ବେଲଘରିଆ ଏଥଲେଟିକ କ୍ଲବ୍‌କୁ ଚୟନ କରିଛନ୍ତି। ସୋନପୁର ଯତୀନ ଫାଇଟର୍ସ ପ୍ରୋପାଇଟର ହରିହର ପଟ୍ଟନାୟକ ରିଭର୍ସ କ୍ଲବ୍ କଟକକୁ ଚୟନ କରିଥିବା ବେଳେ ମହାନଦୀ ଧାରା ଶିକ୍ଷାନୁଷ୍ଠାନର ପ୍ରୋପାଇଟର ପ୍ଲାବନ ମହାପାତ୍ର ପିୱାଇସି ସୁନାବେଡ଼ା ଦଳକୁ ଚୟନ କରିଥିଲେ। ହୋତା ମୋଟର୍ସ ପ୍ରୋପାଇଟର ଯୋଗେନ୍ଦ୍ର ହୋତା ବିହାରର ମା' କାମାକ୍ଷା କ୍ଲବ୍ ବକ୍ସର୍ସ କ୍ଲବ୍‌କୁ ଚୟନ କରିଥିବା ବେଳେ ସୋନପୁରର ଆଲ୍ଫା ଏଜୁକେସନ ସଂସ୍ଥା ସୋନପୁର ରାମଧୂନ୍ କ୍ଲବ୍‌କୁ ଚୟନ କରି ଏହି ଟୁର୍ଣ୍ଣାମେଣ୍ଟର ପ୍ରୟାସକୁ ପ୍ରଶଂସା କରିଥିଲେ ଓ ଏହାକୁ ସଫଳ କରିବାକୁ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇ ଥିଲେ। କୋଷାଧ୍ୟକ୍ଷ ବିକାଶ ପଣ୍ଡା କ୍ଲବ୍ ଓ ଟର୍ଣ୍ଣାମେଣ୍ଟର ଆଭିମୁଖ୍ୟ ଉପରେ ବିସ୍ତାର ଭାବେ ବୁଝାଇଥିବା ବେଳେ କ୍ଲବ୍‌ର ମିଡ଼ିଆ କୋଡ଼ିନେଟର ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କ୍ରୀଡ଼ାବିତ୍ ପୁରୁଷୋତ୍ତମ୍ ପାଣିଗ୍ରାହୀ, ସତ୍ୟ ନାରାୟଣ ରାଓ, କୃଷ୍ଣ ଚନ୍ଦ୍ର ବାଗ, ଆଦିତ୍ୟ ଦାନୀ, ଦିଲ୍ଲିପ ଗରୁ, ବଳରାମ ପଟ୍ଟନାୟକ, କମଳା ସାହୁ, କଲିମ୍ ମହମ୍ମଦ, କ୍ଲବ୍ ସଭାପତି ରଞ୍ଜୁ ସାହୁ, ବୁବୁନ ନାଏକ୍ , ସୁରଜ୍ ସାହୁ, ସୁମନ ସାହୁ, ରବି ଦେହୁରୀ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




# ଉତ୍ତମ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଏମ୍‌ଏମ୍ କ୍ଲବ୍ ଚାମ୍ପିଅନ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ୍ କଲ୍ୟାଣୀ ପଞ୍ଚାୟତ ବନସର ହାଇସ୍କୁଲ ପଡ଼ିଆରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣୀ ପଞ୍ଚାୟତର ସରପଞ୍ଚ ଅକ୍ଷୟ କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ୧୬ଟି ଟିମ୍ ମଧ୍ୟରୁ ଫାଇନାଲରେ ପ୍ରଗତି ସ୍ପୋର୍ଟର୍ସକୁ ହରାଇ ଏମ୍‌ଏମ୍ କ୍ଲବ କ୍ରିକେଟ ଟିମ୍ ଚାମ୍ପିଅନ ହୋଇଥିଲା। ପ୍ରଥମେ ପ୍ରଗତି ସ୍ପୋର୍ଟସ କ୍ରିକେଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ୱିକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌ଏମ୍ କ୍ଲବ କ୍ରିକେଟ୍ ଟିମ୍ ୧୧ ଓଭରରେ ୩ଟି ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ଉତ୍ତମ କୁମାର ପୁହାଣ ଓ ଜୀବନ ପଣ୍ଡା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଅମିତ ସାହୁ ଓ ମାନସ ରାଉତ ସ୍କୋରର ଏବଂ ଅରୁପ ମଲିକ ଓ ସୁଧାଂଶୁ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଓ ପୂର୍ବତନ ଚେୟାରମେନ ଅଶୋକ କୁମାର ନାୟକ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ବିଜୟ ଦଳାଇ, ନରେନ୍ଦ୍ର ମଲ୍ଲିକ, ଦାମୋଦର ମଲ୍ଲିକ, ଲକ୍ଷ୍ମଣ ସାହୁ, ଗୟାଧର ସାହୁ, ଉମାକାନ୍ତ ଜେନା, ସୁରେନ ସାହୁ ହୃଦାନନ୍ଦ ମଲ୍ଲିକ, ଦୁର୍ଗା ଚରଣ ନାୟକ, ଆଲୋକ ସାହୁ, ସନ୍ଦିପ ସାହୁ, ଆକାଶ ନାୟକ ଓ ବନସର କ୍ଲବର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

# ପ୍ରାଚୀନ କାଳରୁ ଓଡ଼ିଶାର କଳା, ପରମ୍ପରା, ଭାସ୍କର୍ଯ୍ୟ ସମଗ୍ର ବିଶ୍ୱରେ ପ୍ରସିଦ୍ଧ

## ଓଡ଼ିଆ ଭାଷାର ବିଶ୍ୱଯାତ୍ରା: ଡିଜିଟାଲ୍ ଯୁଗରେ ସମଗ୍ର ବିଶ୍ୱରେ ପହଞ୍ଚିବ ଓଡ଼ିଶାର ମହାନ୍ ଭାଷା, ସଂସ୍କୃତି ଓ ସାହିତ୍ୟ

ମୁଁ ଓଡ଼ିଆ, ମୋ ଭାଷା ଓଡ଼ିଆ- କୋଟି କୋଟି ଓଡ଼ିଆଙ୍କ ମୁଖରେ ଉଚ୍ଚାରିତ ଏହି ଶବ୍ଦଗୁଡିକ ଆମ ଓଡ଼ିଆ ଜାତିର ଏକତାର ପ୍ରତୀକ । ବିଭିନ୍ନ ଆଞ୍ଚଳିକ, ଅର୍ଥନୈତିକ, ସାଂସ୍କୃତିକ, ସାମାଜିକ ପରିଚୟ ସମ୍ମିଶ୍ରଣରେ ଗଢି ଉଠିଛି ଆମ ରାଜ୍ୟ ଓଡ଼ିଶା ଓ ଆମ ଭାଷା ଓଡ଼ିଆ । ପ୍ରାଚୀନ କାଳରୁ ଓଡ଼ିଶାର କଳା, ପରମ୍ପରା, ଭାସ୍କର୍ଯ୍ୟ ସମଗ୍ର ବିଶ୍ୱରେ ପ୍ରସିଦ୍ଧ । ଏବେ ଓଡ଼ିଆ ଅସ୍ମିତାର ସେଇ ସମସ୍ତ ଗାଥା ଆଜିର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଯୁଗରେ ବିଶ୍ୱର କୋଣଅନୁକୋଣରେ ପହଞ୍ଚିପାରିବ ସେଥିପାଇଁ ହୋଇଛି ଅଦ୍ଭୁତ ଉଦ୍ୟମ । ଏବେକାର ପ୍ରଯୁକ୍ତିଯୁଗର ବିବର୍ତ୍ତନ ସହ ସମାନ୍ତରାଳ ରୂପେ ତାଳ ଦେଇ ଆଗକୁ ବଢୁଛି ଓଡ଼ିଆ ଭାଷା ।

"ପରିବର୍ତ୍ତନ", ହେଉଛି ଦୁନିଆରଏକମାତ୍ର ସତ୍ୟ । ସମୟାନୁସାରେ, ବିବର୍ତ୍ତନ ହେବା ପ୍ରଗତିର ଏକମାତ୍ର ଉପାୟ । ପ୍ରାଚୀନତାରୁ ନବୀନତା ଆଡକୁ ଅଗ୍ରସର ହେବା ପାଇଁ ନିତ୍ୟ ବିବର୍ତ୍ତନ ସମାଜ ଓ ସାମାଜିକ ଆବଶ୍ୟକତାକୁ ପୂର୍ଣ୍ଣ କରିବା ଲାଗି ବୈଜ୍ଞାନିକ ପଦ୍ଧତିର ସୁବିନିଯୋଗ ହେବା ନିତ୍ୟାନ୍ତ ଆବଶ୍ୟକ । ଐତିହାସିକ କାଳଜୟୀକୃତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି । ଏହାସହ ଜଡିତ ଗର୍ବ ଗରିମା ଓ ଗୁରୁତ୍ୱକୁ ଅତୁଟ ରଖିବା ଲାଗି ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ ସେସବୁର ଡିଜିଟାଇଜେସନ୍ କରାଯାଇପାରୁଛି ।

ବିଶ୍ୱର ଯେକୌଣସି କୋଣରେ ରହୁଥିବା ଓଡ଼ିଆଟି ନିଜ ହାତ ପାହାନ୍ତାରେ ଓଡ଼ିଆ ଭାଷା ଓ ସାହିତ୍ୟର ଅନନ୍ୟକୃତି ସବୁ ଯେପରି ପଢି ପାରିବେ ସେଥିଲାଗି ବୈଷୟିକଜ୍ଞାନର ସହାୟତାରେ ଇ-ଲାଇବ୍ରେରୀ ସୃଷ୍ଟି କରାଯାଇଛି । ଓଡ଼ିଆ ଭାଷାର ଗୌରବମୟ ଯାତ୍ରାକୁ ବିନା କୌଣସି ବାଧାବିଘ୍ନରେ ଏହି ପ୍ରବାହକୁ ନିଶ୍ଚିତ କରିବା ଲାଗି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଏକ ସୁଦୀର୍ଘ ପ୍ରୟାସ କରିଛନ୍ତି । ରାଜ୍ୟ ସରକାର ଓଡ଼ିଆ ଭାଷା ସମ୍ମିଳନୀକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ଡିଜିଟାଇଜେସନ୍ ରୂପ ଦେଇଛନ୍ତି । କି-ବୋର୍ଡ, ଓଡ଼ିଆ ଫଣ୍ଟ ଠାରୁ ଆରମ୍ଭ କରି ପିଠାପଣା, ପର୍ବପର୍ବାଣୀ, ଜଗନ୍ନାଥ ସଂସ୍କୃତିକୁ ପ୍ରଯୁକ୍ତିବିଦ୍ୟା ସହ ଯୋଡିବାରେ ଓଡ଼ିଶା ସରକାର ସଫଳ ହୋଇପାରିଛନ୍ତି । ପ୍ରାକ୍ ଓ ମଧ୍ୟଯୁଗୀୟ ଇତିହାସ ସହିତ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଯୋଡାଯାଇପାରିଛି । ଭର୍ଚ୍ଚୁଆଲ୍ ବିଶ୍ୱରେ ଓଡ଼ିଆ ଭାଷାର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପ୍ରଦର୍ଶନୀ ଜରିଆରେ ପ୍ରୟାସ କରାଯାଇଛି । କେବଳ ଯୁବବର୍ଗ ନୁହେଁ ବରଂ ବୟୋଜେଷ୍ଠଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, ଭିନ୍ନକ୍ଷମ, ସାଧାରଣ ଜନତା ସମସ୍ତଙ୍କୁ ଓଡ଼ିଆ ଜାତୀୟତା ସହ ଐକ୍ୟବଦ୍ଧକରିପାରିଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ । କୃତ୍ରିମ ବୁଦ୍ଧିମତା ଯୁଗରେ ଭାଷାକୁ ମଧ୍ୟ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଆଞ୍ଚଳିକ ଭାଷାରୁ ବୈଶ୍ୱିକ ଭାଷାରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ।










## ବିଶ୍ୱରେ ଓଡ଼ିଆ ଜାତିର ଗୌରବ ପ୍ରତିଷ୍ଠା ପ୍ରୟାସରେ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ

ଦୁର୍ଲଭ ଓଡ଼ିଆ ପୁସ୍ତକ, ଅଭିଧାନ, ପ୍ରାଚୀନ ପତ୍ରପତ୍ରିକା, ପୁରାତନ ସଙ୍ଗୀତ, ପ୍ରାଚୀନ ପୋଥି, ବିଜ୍ଞାନ ଓ ଇତିହାସ ସମ୍ବନ୍ଧୀୟ ରଚନା, ଲୋକ ସଂସ୍କୃତି, ଜନଜାତି ଭାଷା ଓ ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି, ମନ୍ଦିର ଓ ସ୍ଥାପତ୍ୟ ଆଦିର ତଥ୍ୟାବଳୀ ଡିଜିଟାଇଜେସନ୍ କରି ସଂରକ୍ଷିତ ରଖିଛି ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ । ଜାତିର ସ୍ୱାଭିମାନ ମୁଖ୍ୟତଃ ତାହାର ଭାଷା ଓ ସଂସ୍କୃତି ଉପରେ ନିର୍ଭରଶୀଳ ଥିବାରୁ ଏଥିପ୍ରତି ସଚେତନ ରହି, ଭବିଷ୍ୟତ ପିଢି ସମ୍ମୁଖରେ ଓଡ଼ିଆକୁ ଜ୍ଞାନ ଓ ବିଜ୍ଞାନର ଭାଷା ରୂପେ ଉପସ୍ଥାପନ କରାଯାଇପାରିଛି । ଏହାର ୱେବସାଇଟ୍‌ରେ ଓଡ଼ିଆ ପାଠ୍ୟ ପୁସ୍ତକ, ଜନଜାତି ଶବ୍ଦକୋଷ, ପୁସ୍ତକାଗାର, ବର୍ଣ୍ଣବୋଧ, ଓଡ଼ିଆ ପ୍ରାରମ୍ଭିକା, ଓଡ଼ିଆ ବ୍ଲଗ୍, ଓଡ଼ିଶା ଗେଜେଟିଅର୍ ଆଦିକୁ ୱେବସାଇଟ୍‌ରେ ସ୍ଥାନ ଦିଆଯାଇଛି । ଫଳରେ ଓଡ଼ିଆ ଜାତି ଏହାର ପ୍ରାଣକେନ୍ଦ୍ର "ଭାଷା" ସହିତ ଯୋଡି ହୋଇ ରହିବେ ।

## ଏକବିଂଶ ଶତାବ୍ଦୀରେ ଓଡ଼ିଆ ଜାତିର ସଫଳତା



- ଓଡ଼ିଶା ଭାଷା ପ୍ରତିଷ୍ଠାନ ଗଠନ ।
- ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗଠିତ ।
- ଐତିହ୍ୟ, କିର୍ତ୍ତୀରାଜି, ପ୍ରାଚୀନ ମନ୍ଦିର ଗବେଷଣା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ।
- ଭାଷା ଆଇନ-୨୦୧୮(ଦ୍ୱିତୀୟ) କାର୍ଯ୍ୟକାରୀ ।
- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜନ୍ମସ୍ଥାନ ସୁଆଣ୍ଡୋଠାରେ ୧୫ ଫୁଟ ଉଚ୍ଚର ପ୍ରତିମୂର୍ତ୍ତି ସହ ସଂଗ୍ରହାଳୟ ସ୍ଥାପନ ।
- ୨୦୦୦ ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାର ବରପୁତ୍ରମାନଙ୍କର୧୩୫ଟି ପ୍ରତିମୂର୍ତ୍ତି ସ୍ଥାପନ ।
- ପ୍ରବାସୀ ଓଡ଼ିଆଙ୍କ ପାଇଁ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ ମାଧ୍ୟମରେ ଇଂରାଜୀ, ଫରାସୀ, ଜାପାନୀ ଓ ସ୍ପେନୀୟ ଭାଷାରେ ଶିକ୍ଷା ବ୍ୟବସ୍ଥା ।
- ଜେ.ଏନ.ୟୁରେ ସାରଳା ଚେୟାର ପ୍ରତିଷ୍ଠା । ବିଜୁ ପଟ୍ଟନାୟକ ଚେୟାର ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ।
- ଓ.ପି.ଏସ.ସି ପରୀକ୍ଷା ଓଡ଼ିଆରେ ଦେବା ପାଇଁ ନିଷ୍ପତ୍ତି ।
- ଯୁକ୍ତଦୁଇ ଓ ଯୁକ୍ତତିନି ଛାତ୍ରଛାତ୍ରୀଙ୍କୁ ବ୍ୟାସକବି ଫକୀରମୋହନ ଛାତ୍ରବୃତ୍ତି ପ୍ରଦାନ ।
- ପ୍ରତିବର୍ଷ ଜିଲ୍ଲାରେ ବାର୍ଷିକ ପୁସ୍ତକମେଳାର ଆୟୋଜନ ।
- ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାର ଅନ୍ୟ ୨୧ଟି ଦେଶୀୟ ଭାଷାର ଶବ୍ଦକୋଷ, ତ୍ରିଭାଷୀ ଶିକ୍ଷଣୀୟ ପୁସ୍ତକ ପ୍ରକାଶିତ ।

## ୱେବସାଇଟ୍‌ରେ ଓଡ଼ିଆ ସଂସ୍କୃତି ଆଟାଲାସ୍

ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ଇତିହାସ, ବୌଦ୍ଧ ପରମ୍ପରା, ଜଙ୍ଗଲ ଓ ବନ୍ୟପ୍ରାଣୀ, ପର୍ବପର୍ବାଣୀ, ହସ୍ତତନ୍ତ ଓ ହସ୍ତଶିଳ୍ପ, ନୌବାଣିଜ୍ୟ, ପ୍ରାକ୍ ଇତିହାସ, ପିଠାପଣା, ଜନଜାତି ସଂସ୍କୃତିରେ ସମସ୍ତ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ପ୍ରଦର୍ଶନୀରେ ଡିଜିଟାଲ୍ ଆଟାଲାସ୍‌କୁ ସ୍ଥାନ ଦିଆଯାଇଛି । ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରୟାସରେ ଓଡ଼ିଆ ସଂସ୍କୃତି ଡିଜିଟାଲାଇଜ୍ କରାଯାଇପାରିଛି । ଫଳରେ ବିଶ୍ୱ କୋଣଅନୁକୋଣରେ ରହୁଥିବା ଓଡ଼ିଆ ନିଜ ଭାଷା, ସଂସ୍କୃତି ସହ ଯୋଡି ହୋଇରହିବେ ।

## ଓଡ଼ିଆ ଲେଖାକୁ ସମୃଦ୍ଧ କରିବ ମହାପ୍ରଭୁ ଫଣ୍ଟ୍

ମାଧବ, ଆଦିମ, ହଳଧର, ଅବତାର, ପ୍ରଥମ, ରାଘବ, ଅଚ୍ୟୁତ, ବଳଭଦ୍ର, ହରିହର, ଉତ୍କଳ (ମହାପ୍ରଭୁ)- ଫଣ୍ଟ୍‌ରେ ଓଡ଼ିଆ ଲେଖିବେ ଓଡ଼ିଆପ୍ରେମୀ । ବର୍ତ୍ତମାନ କେବଳ ଆକୃତି, ଶ୍ରୀଲିପି ନୁହେଁ ବରଂ ଓଡ଼ିଆ ଭର୍ଚ୍ଚୁଆଲ୍ ଏକାଡେମୀ ପକ୍ଷରୁ ଶୁଭାରମ୍ଭ ହୋଇଥିବା ୧୦ଟି ନୂଆ ଫଣ୍ଟ୍‌ରେ ଓଡ଼ିଆ ଲେଖାଯାଇପାରିବ । ଏନେଇ ଡିଜିଟାଲ୍ ପ୍ରଦର୍ଶନୀ କକ୍ଷରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ କରାଯାଇଛି ।

## ଓଡ଼ିଶା ପାଇଁ ୩ ଟି ମାଇଲଖୁଣ୍ଟ

- ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ
- ୨୦୧୪ ଫେବୃଆରୀ ୨୦ରେ ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା
- ୨୦୨୪ ଫେବୃଆରୀ ୩-୫ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

## ଓଡ଼ିଆ ଉଇକିପିଡିଆ ପାଇଁ ଦିଅନ୍ତୁ ଲେଖା

ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଉଇକିପିଡିଆ ମାଧ୍ୟମରେ ମଣିଷ ହାତ ପାହାନ୍ତାରେ ସବୁ ବିଷୟରେ ଜାଣି ପାରୁଛି କିନ୍ତୁ ଆମର ସମୃଦ୍ଧ ଓଡ଼ିଆ ସାହିତ୍ୟ ସଂସ୍କୃତି ବିଷୟରେ ଯେତିକି ଲେଖା ଉପଲବ୍ଧ ହେବା କଥା, ସେତିକି ଲେଖା ନାହିଁ । ତେଣୁ ଆମ ରାଜ୍ୟର ସ୍ୱତନ୍ତ୍ର ସଂସ୍କୃତି, ପରମ୍ପରା, ଐତିହ୍ୟ, ଭାସ୍କର୍ଯ୍ୟ ଆଦି ବିଷୟରେ ବିଭିନ୍ନ ଲେଖା ଉଇକିପିଡିଆରେ ଓଡ଼ିଆ ଭାଷାରେ ଉପଲବ୍ଧ ହେବା ଜରୁରୀ । ଏହାକୁ ଏକ ସାମାଜିକ ଜାଗରଣ ରୂପେ ଓଡ଼ିଆ ଲୋକଙ୍କ ଜନମାନସରେ ପ୍ରତିଷ୍ଠା କରିବା ପାଇଁ ଡିଜିଟାଲ୍ ଯୁଗ ପ୍ରଦର୍ଶନୀ କକ୍ଷରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା । ଏହାଦ୍ୱାରା ଯେ କେହି ମଧ୍ୟ ଓଡ଼ିଆ ଉଇକିପିଡିଆରେ ଲେଖିପାରିବେ ।





ଓଡ଼ିଶାର ମାନ୍ୟବର ମନ୍ତ୍ରୀଗଣ ଓ ମାନ୍ୟବର ବିଧାୟକଗଣ ଭୁବନେଶ୍ୱରରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଥିବା ପ୍ରଦର୍ଶନ ମଣ୍ଡପ ବୁଲି ଦେଖୁଛନ୍ତି







## ରୋବୋଟ୍ ସହ ସେଲ୍ଫି

ଆଧୁନିକ ଯୁଗର ଏକ ନିଆରା ଉଦ୍ଭାବନ ହେଉଛି ରୋବୋଟ୍ । ଯୁବପିଢିଙ୍କୁ ରୋବୋଟିକ୍ସ ପ୍ରତି ଆକୃଷ୍ଟ କରିବା ପାଇଁ ଏବଂ ଏହା ମାଧ୍ୟମରେ ଓଡ଼ିଆ ଭାଷା, ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଏଠାରେ ହୋଇଛି ସ୍ୱତନ୍ତ୍ର ଡିଜିଟାଲ୍ ଯୁଗ ପ୍ରଦର୍ଶନୀ କକ୍ଷ । ଏଠାରେ ରୋବୋଟ୍ ପିଲାମାନଙ୍କ ପାଖକୁ ନିଜେ ଆସି ତାଙ୍କର ଆବଶ୍ୟକତା ଅନୁଯାୟୀ ବିଭିନ୍ନ କାର୍ଯ୍ୟ ଯେପରିକି ସେଲ୍‌ଫି ନେବା, ଗୁଗୁଲ୍ ସର୍ଚ୍ଚ କରିବା, ଇ-ଦସ୍ତଖତ ଆଦି ଭଳି କାର୍ଯ୍ୟ କରୁଛି । ଏହା ପିଲାଙ୍କ ଜିଜ୍ଞାସା ବଢାଇବା ସହ ସେମାନେ ବିଭିନ୍ନ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆମ ଓଡ଼ିଶାର ଭାଷା ସଂସ୍କୃତିକୁ କିଭଳି ଭାବେ ବିଶ୍ୱ ଦରବାରରେ ପ୍ରସ୍ତୁତ କରାଯାଇପାରିବ, ସେ ଦିଗରେ ସହାୟକ ହୋଇପାରୁଛି ।